● ୪ ଦଫା ଦାବି ନେଇ ଧାରଣାରେ ୩୫ ପ୍ରାଣୀ ଚିକିତ୍ସକ

# ପ୍ରାଣୀ ଚିକିତ୍ସାଳୟ ଘେରିଲେ ଚାଷୀ

**ନବରଙ୍ଗପୁର,୮।୨ (ସମିସ):**



ନବରଙ୍ଗପୁର ଜିଲ୍ଲା ପ୍ରାଣୀ ଚିକିତ୍ସକଙ୍କ ଅଫିସ ଘେରିଲେ ଶତାଧିକ ଚାଷୀ। ନିଜ ଗୃହ ପାଳିତ ପଶୁଙ୍କୁ ନେଇ ଅଫିସ ଆଗରେ ବସି ରହିଥିବାବେଳେ ଜିଲ୍ଲାର ୩୫ ଜଣ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟିରେ କଳାବ୍ୟାଜ୍ ପରିଧାନ କରି ଧାରଣା ଦେଉଛନ୍ତି । ୪ ଦଫା ଦାବି ନେଇ ଚିକିତ୍ସକମାନେ ୨୨ ଦିନ ହେଲା ଧାରଣା ଦେଉଥିବାରୁ ପଶୁଙ୍କ ଚିକିତ୍ସା ହୋଇପାରୁନାହିଁ। ଧାରଣାରତ ଡାକ୍ତରଙ୍କ କହିବା ଅନୁସାରେ, ୨୩ ବର୍ଷ ଧରି ପଦୋନ୍ନତିରେ ତିନିଗୁଣ କାର୍ଯ୍ୟଭାର ବହନ କରି ନିଜର ସେବା ଜାରି ରଖିଥିବା ଓଡ଼ିଶାର ପ୍ରାଣୀ ଚିକିତ୍ସକ ଦୀର୍ଘଦିନ ଧରି ଦାବିଗୁଡ଼ିକୁ ଉପସ୍ଥାପନ କରିଥିଲେ। ଗତ ମେ' ମାସରେ ମଧ୍ୟ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଯାଇଥିଲେ। ସେତେବେଳେ ଯାହା ପ୍ରତିଶ୍ରୁତି ମିଳିଥିଲା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାନଯିବାରୁ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ପୁଣିଥରେ ୪ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି। ସମସ୍ତ ପ୍ରାଣୀ ଚିକିତ୍ସକଙ୍କ ଦାବି ହେଲା ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଯଥା ୨୪ ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀମାନଙ୍କ ସ୍ଥାନାନ୍ତରଣ ସୁବିଧା, ଓଡ଼ିଶାର ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହ ସମାନ ପଦୋନ୍ନତି(ଡିଏସିପି) ସୁବିଧା ଆଦି ରହିଛି। ଓଡ଼ିଶା ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ହାରରେ ଏନପିଏ ଦେବାକୁ ଦାବି ହୋଇଛି। ସେଭଳି ରାଜ୍ୟରେ ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦ ସୃଷ୍ଟି, ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ଭଳି ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଛି। ଫଳରେ ଗତ ୧୮ରୁ ନବରଙ୍ଗପୁର ଜିଲ୍ଲାରେ ପ୍ରାଣୀ ଚିକିତ୍ସା ଠପ୍ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ନବରଙ୍ଗପୁରର ଜଣେ ଗାଈ ଚାଷୀ ରାଧାମୋହନ ପାତ୍ର କହିଛନ୍ତି ଯେ ପ୍ରାଣୀ ଚିକିତ୍ସକଙ୍କ ଦୀର୍ଘ ଦିନ ଧାରଣା ଦ୍ୱାରା ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବହୁବାର ଜିଲ୍ଲାର ଗାଈ, ମଇଁଷି, କୁକୁର, ଛେଳି ବିଭିନ୍ନ ରୋଗରେ ପଡୁଛନ୍ତି। ବହୁବାର ପ୍ରାଣୀ ଚିକିତ୍ସାଳୟ ଆସିବା ଦ୍ୱାରା ମଧ୍ୟ କୌଣସି ସୁଫଳ ମିଳୁନି। ତେଣୁ ଏକ ସମାଧାନ କରି ଯଥାଶୀଘ୍ର ଚାଷୀଙ୍କ ହେଉଥିବା ଅସୁବିଧା ଦୂର କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

୨୪ ଘଣ୍ଟାରେ ହତ୍ୟା ଘଟଣାର ପର୍ଦ୍ଦାଫାସ୍ କଲା ମାଛକୁଣ୍ଡ ପୁଲିସ

# ମଦ୍ୟପାନକୁ ନେଇ ହତ୍ୟାକାଣ୍ଡ; ୩ ଗିରଫ

**ଲମତାପୁଟ,୮।୨(ସମିସ):** ମଦ୍ୟପାନକୁ ନେଇ ହତ୍ୟାକାଣ୍ଡରେ ମାଛକୁଣ୍ଡ ପୁଲିସକୁ ମିଳିଛି ବଡ଼ ସଫଳତା। ମଦ୍ୟପଙ୍କ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ହୋଇଥିଲେ। ଏହି ଘଟଣାର ପର୍ଦ୍ଦାଫାସ୍ କରିଛି ଲମତାପୁଟର ମାଛକୁଣ୍ଡ ପୁଲିସ। ୨୪ ଘଣ୍ଟା ଭିତରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲମତାପୁଟ ବ୍ଲକ୍ ମଲେଙ୍ଗା ଗ୍ରାମର ମଙ୍ଗରାଜ ଖିଲ ଏବଂ ଗୋପୀ ପାଙ୍ଗି, ପର୍ତ୍ତିଙ୍ଗ ଗ୍ରାମର ଜଗବନ୍ଧୁ ପାଙ୍ଗିଙ୍କୁ ଗିରଫ କରି ଅପରାଧ ପୃଷ୍ଠଭୂମିକୁ ପୁନଃସ୍ଥାପନ(କ୍ରାଇମସିନ୍ ରିକ୍ରିଏସନ) କରି କୋର୍ଟ ଚାଲାଣ କରିଛି ମାଛକୁଣ୍ଡ ପୁଲିସ। ଲମତାପୁଟ ଅଞ୍ଚଳରେ ଏହା ପ୍ରଥମ ଘଟଣା ଘଟିଥିବାରୁ ସମସ୍ତଙ୍କୁ ଚକିତ କରିଥିଲା। ଲମତାପୁଟରୁ ପ୍ରାୟ ୪ କିଲୋମିଟର ଦୂର ଶାନ୍ତିନିକେତନ ନିକଟର ମୁଖ୍ୟ ରାସ୍ତାରେ ଦୁର୍ବୃତ୍ତମାନେ ଲୁହା ଛଡ଼ ଏବଂ ଠେଙ୍ଗାରେ ଗୁରୁ ଶୁକ୍ରୀଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଶୁକ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ସନିଆ ହନ୍ତାଳ



ଏବଂ ସନିଆ ଖରା ଗୁରୁତର ଅବସ୍ଥାରେ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ଏଥିରେ ମାଛକୁଣ୍ଡ ଥାନା ଅଧିକାରୀ ଡମ୍ବରୁ ବାତ୍ରିଆ, ସେକେଣ୍ଡ ଅଫିସର ସୁରେନ୍ଦ୍ର କୁମାର ସେଠୀ ଏବଂ ଲମତାପୁଟ ଫାଣ୍ଡି ଅଧିକାରୀ କ୍ରୀଷ୍ଣା ମିଶ୍ର ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ସନ୍ଦେହରେ କିଛି ଲୋକଙ୍କୁ ଉଠାଇ ଆଣିଥିଲା ପୁଲିସ। ସିସିଟିଭି ଆଧାରରେ ଆଣିଥିବା ବ୍ୟକ୍ତିଙ୍କ ସିଡି ରିପୋର୍ଟକୁ ଭିତ୍ତିକରି ଯାଞ୍ଚକୁ କଡ଼ାକଡ଼ି କରିଥିଲେ। ଅନ୍ୟପକ୍ଷରେ କୋରାପୁଟରୁ ଆସିଥିବା ସାଇଣ୍ଟିଫିକ ଟିମ, ଡଗ୍ ସ୍କ୍ୱାଡ୍ ଏବଂ ଟେକ୍ନିକାଲ ଟିମ୍ ମିଳିତ ଭାବରେ ଯାଞ୍ଚକୁ ତ୍ୱରାନ୍ୱିତ କରିଥିଲେ। ଶେଷରେ ୩ ଜଣଙ୍କୁ ଗିରଫ କରିଛି ମାଛକୁଣ୍ଡ ପୁଲିସ। ଏହି ମାମଲାରେ ଗିରଫ ଅଭିଯୁକ୍ତ ମଙ୍ଗରାଜ, ଗୋପୀ ଓ ଜଗବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ବୈପାରୀଗୁଡ଼ା ବ୍ଲକ୍ ଦୋରାଗୁଡ଼ା ଗ୍ରାମର ତିନିଜଣ ବ୍ୟକ୍ତି ସୋମବାର ବୁଲେଟ ଗାଡ଼ିରେ ଲମତାପୁଟରୁ ଘରକୁ ଫେରୁଥିଲେ। ଏକ ବାରରେ ମଦ୍ୟପାନ କରି କିଛି ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ କରି ମାରପିଟ ହୋଇଥିଲେ। ଗୁରୁ ଶୁକ୍ରୀ, ସନିଆ ହନ୍ତାଳ ଏବଂ ସନିଆ ଖରା ସେଠାରୁ ଘରକୁ ଫେରୁଥିବା ସମୟରେ ଲମତାପୁଟରୁ ପ୍ରାୟ ୪ କିଲୋମିଟର ଦୂର ଶାନ୍ତିନିକେତନ ନିକଟର ମୁଖ୍ୟ ରାସ୍ତାରେ ଜଗି ରହିଥିଲେ ମଙ୍ଗରାଜ, ଗୋପୀ, ଜଗବନ୍ଧୁ ଏବଂ କିଛି ସହଯୋଗୀ। ସେଠାରେ ଅନ୍ଧାରର ସୁଯୋଗ ନେଇ ଏହି ତିନି ଜଣଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଗୁରୁ ଶୁକ୍ରୀ ପ୍ରାଣ ହରାଇଥିଲେ। ଅନ୍ୟ ଦୁଇଜଣ ରକ୍ତାକ୍ତ ଅବସ୍ଥାରେ ନିକଟରେ ଥିବା ବିଲରେ ଲୁଚି ରହିଥିଲେ। ଲମତାପୁଟ ପୁଲିସ ଏମାନଙ୍କୁ ଉଦ୍ଧାର କରି ଯାଞ୍ଚ ଆରମ୍ଭ କରିଥିଲା। ୨୪ ଘଣ୍ଟାରେ ମାଛକୁଣ୍ଡ ପୁଲିସ ଘଟଣାର ପର୍ଦ୍ଦାଫାସ୍ କରିଛି ଏବଂ ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ପୁଲିସ ଖୋଜୁଥିବା ନନ୍ଦପୁର ଏସଡିପିଓ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

# ବିଧାୟକଙ୍କ ଦ୍ୱାରା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର



**ରାୟଗଡ଼ା,୮।୨(ସମିସ)**

କାଶୀପୁର ବ୍ଲକ୍ ଶିକ୍ଷା କ୍ଷେତ୍ରରେ ଏବେ ପର୍ଯ୍ୟନ୍ତ ପଛୁଆ ଅବସ୍ଥାରେ ରହିଛି। କାଶୀପୁର ବ୍ଲକର ଜନସଂଖ୍ୟା ୧ ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ରହିଥିବାବେଳେ କୌଣସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନ ଷ୍ଟ୍ରିମ୍ ନାହିଁ। କାଶୀପୁର ବ୍ଲକର ଛାତ୍ରଛାତ୍ରୀ +୨ ବିଜ୍ଞାନ ପଢ଼ିବା ନିମନ୍ତେ ରାୟଗଡ଼ା ସହର ଓ ପଡ଼ୋଶୀ ଜିଲ୍ଲା କୋରାପୁଟ ଉପରେ ନିର୍ଭର କରିଥାନ୍ତି। ଆଜି ପର୍ଯ୍ୟନ୍ତ ଏହି ବ୍ଲକରେ କୌଣସି +୩ ମହାବିଦ୍ୟାଳୟ ନାହିଁ। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାରେ ବାରମ୍ବାର ପ୍ରଶ୍ନ କରି ଯୁକ୍ତତିନି ସରକାରୀ ମହାବିଦ୍ୟାଳୟ କରିବା ନିମନ୍ତେ ଦାବି ଉପସ୍ଥାପନ କରି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିବା ପରେ କିଛି ମାସ ପୂର୍ବରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାଶୀପୁର ଗସ୍ତ ସମୟରେ +୩ ସରକାରୀ ମହାବିଦ୍ୟାଳୟ ସ୍ଥାପନ ନିମନ୍ତେ '୫-ଟି' ଅଧ୍ୟକ୍ଷ ଘୋଷଣା କରିଛନ୍ତି। ଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ +୨ ବିଜ୍ଞାନ ଖୋଲିବା ନିମନ୍ତେ ଓ ଅଡିଟୋରିୟମ୍ ନିମନ୍ତେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭେଟି ଦାବିପତ୍ର ଉପସ୍ଥାପନ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଉପସ୍ଥାପନ ସମୟରେ ସମାଜସେବୀ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଶଙ୍କର ପ୍ରସାଦ ଦୁରିଆ ମଧ୍ୟ ଉପସ୍ଥିତ ଥିଲେ। ଏହା ପୂର୍ବରୁ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଅନ୍ୟାନ୍ୟ ବିଦ୍ୟାଳୟକୁ +୨ ଅପଗ୍ରେଡେସନ୍ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ଚିକିତ୍ସା ସେବା ଠପ୍

**ବୋରିଗୁମ୍ମା,୮।୨(ସମିସ):** ରାଜ୍ୟବ୍ୟାପୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଥିବା ବେଳେ ସମସ୍ତ ଅଧିକାରୀ ସାମୂହିକ ଛୁଟିରେ ରହିଛନ୍ତି। ବିଭିନ୍ନ ଦାବି ନେଇ ଗତ ଜାନୁଆରୀ ୧୮ ତାରିଖରୁ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଥିବା ବେଳେ ବୋରିଗୁମ୍ମା ଅଞ୍ଚଳରେ ପ୍ରାଣୀ ଚିକିତ୍ସାଳୟରେ ଥିବା ଔଷଧ ଷ୍ଟୋର ଓ କମ୍ପ୍ୟୁଟର କେନ୍ଦ୍ରରେ ତାଲା ପଡ଼ିଛି। ଏହାଦ୍ୱାରା ଏବେ ବୋରିଗୁମ୍ମା ବ୍ଲକରେ ପ୍ରାଣୀ ଚିକିତ୍ସା ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କୌଣସି ପଶୁ ପକ୍ଷୀଙ୍କ ଦେହ ଖରାପ ହେଲେ ବୋରିଗୁମ୍ମା ପ୍ରାଣୀ ଚିକିତ୍ସାଳୟକୁ ଆସିଲେ ଡାକ୍ତର ନଥିବାରୁ ଏଲ୍ଆଇଙ୍କ ଦ୍ୱାରା ଚିକିତ୍ସା କରାଉଛନ୍ତି। କିନ୍ତୁ ମାଗଣା ଔଷଧ କେନ୍ଦ୍ର ବନ୍ଦ ଥିବାରୁ ବାହାରୁ ଔଷଧ କିଣି ଗରିବ ଚାଷୀ ଖର୍ଚ୍ଚାନ୍ତ ହେଉଛନ୍ତି। ବୋରିଗୁମ୍ମା ବ୍ଲକରେ ଅନେକ ଏଲ୍ଆଇ ଏବଂ ଭିଟି ଗାଁ ଗାଁ ବୁଲି ସେବା ଯୋଗାଇ ଆସୁଛନ୍ତି। ତଥାପି ଉପାନ୍ତ ଅଞ୍ଚଳର ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ତୁରନ୍ତ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦାବି ପୂରଣ କରିବା ସହ ପ୍ରାଣୀମାନଙ୍କ ଚିକିତ୍ସା ସେବା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବାକୁ ନନ୍ଦପୁରରୁ ଗଲେ ୪୪୫

**ନନ୍ଦପୁର,୮।୨(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ପରିକ୍ରମା ଯାତ୍ରା ନେଇ ଗୁରୁବାର ନନ୍ଦପୁର ବ୍ଲକରୁ ମୋଟ ୪୪୫ ଜଣ ପୁରୀ ଶ୍ରୀମନ୍ଦିର ପରିକ୍ରମା ନେଇ ଗୁରୁବାର ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଜିପିଓ ବେଦାନ୍ତ କୁମାର ମାଝୀ, ଏଇଇ ଯଶକେତନ୍ ବେହେରା ପ୍ରମୁଖ ବ୍ଲକର ତୀର୍ଥଯାତ୍ରୀଙ୍କୁ ଶୁଭକାମନା ଜଣାଇଥିଲେ। ବ୍ଲକର ମୋଟ ୪୪୫ ଜଣ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଯାତ୍ରାରେ ବାହାରୁଥିବାବେଳେ ତାଙ୍କ ତଦାରଖ ନିମନ୍ତେ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ସହ ପିଇଓ ଡମ୍ବରୁ ପାଙ୍ଗି, କୋମଳ ରାଓ ସ୍ମିଥ, ଗୌରାଙ୍ଗ ଦିଶାରି, ସୁବାସ ଚନ୍ଦ୍ର ପଣ୍ଡା, ଜୟରାମ ଜାରର୍ସି, ଭାସ୍କର ଚନ୍ଦ୍ର ଗାରଡ଼ା, ସୀମାଦ୍ରି କ୍ରିଶାନି, ଅଭିମନ୍ୟୁ ପ୍ରଧାନ, ଲକ୍ଷ୍ମୀ ନାରାୟଣ ନାୟକ, ଗୋପୀନାଥ ପାଙ୍ଗି, ଆଦିତ୍ୟ ଚପାଡ଼ି ପ୍ରମୁଖ ତୀର୍ଥଯାତ୍ରୀମାନଙ୍କ ସହ ରହିଥିବାବେଳେ ନୋଡାଲ ଅଫିସର ଭାବେ ନନ୍ଦପୁର ବ୍ଲକ୍ ଓଡ଼ିଶା ଜୀବିକା ମିଶନ ବିଏଲସି ବିକ୍ରମ କେଶରୀ ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି।



# କିଶୋରୀଙ୍କୁ ଆତ୍ମସୁରକ୍ଷାରେ ସୁଦୃଢ଼ କରିଛି ଆଇସିଡିଏସ୍‌ର ତାଲିମ ଶିବିର



**ନନ୍ଦପୁର,୮।୨(ସମିସ):** ନନ୍ଦପୁର ବ୍ଲକର କିଶୋରୀ ବାଳିକାଙ୍କୁ ଏବେ ଆତ୍ମସୁରକ୍ଷା କ୍ଷେତ୍ରରେ ସୁଦୃଢ଼ କରିଛି ସମନ୍ୱିତ ଶିଶୁ ବିକାଶ ବିଭାଗ ତଥା ଆଇସିଡିଏସ୍ ପକ୍ଷରୁ ବିଗତ ଦିନରେ ଆୟୋଜିତ ହୋଇଥିବା ଆତ୍ମସୁରକ୍ଷା ତାଲିମ ଶିବିର। ବାଳିକାମାନେ ଆଇସିଡିଏସ୍ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଥିବା କୌଶଳକୁ ଏବେ ଗ୍ରାମାଞ୍ଚଳରେ ରହି ତାହାର ଅଭ୍ୟାସ ଜାରି ରଖିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଏବେ କିଶୋରୀ ବାଳିକାଙ୍କ ଅଭିଭାବକମାନେ ମଧ୍ୟ ଖୁସିବ୍ୟକ୍ତ କରିବା ସହ ଆଇସିଡିଏସ୍ ବିଭାଗର ଏଭଳି ଶିବିର ଆୟୋଜନ ପ୍ରୟାସକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ବିଗତ ଦିନରେ ଆଇସିଡିଏସ୍ ପକ୍ଷରୁ ନନ୍ଦପୁର ବ୍ଲକରେ ପାଞ୍ଚଟି ପର୍ଯ୍ୟାୟରେ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଥିବା ଦୁଇ ଶହରୁ ଊର୍ଦ୍ଧ୍ୱ କିଶୋରୀ ବାଳିକାମାନଙ୍କୁ ଆତ୍ମସୁରକ୍ଷା ତାଲିମ୍ ପ୍ରଦାନ କରାଯାଇଥିଲା। ଦୀର୍ଘଦିନ ଧରି ୫ଟି ପର୍ଯ୍ୟାୟରେ ବିଭିନ୍ନ ପଞ୍ଚାୟତକୁ ନେଇ ଗୋଟିଏ ଲେଖାଏଁ ଜୋନ୍ କରି କିଶୋରୀମାନଙ୍କୁ ବିଭିନ୍ନ ଆତ୍ମସୁରକ୍ଷା କୌଶଳ ତାଲିମ୍ ପ୍ରଦାନ କରାଯାଇଥିଲା। ଏବେ ଗାଁଗଣ୍ଡାରେ ସମୟ ପାଇଲେ ସାହି ଅଗଣାରେ କିଶୋରୀ ବାଳିକାମାନେ ଆତ୍ମସୁରକ୍ଷା କୌଶଳ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ତେବେ ଆତ୍ମସୁରକ୍ଷା ତାଲିମ ଶିବିରର ଉଦଯାପନୀ ସମାରୋହରେ ନନ୍ଦପୁର ସିଡିପିଓ ମିନତି ବାଳା ପଟ୍ଟନାୟକ, ଏବିଓ ମାମତାଜ ଗମାଙ୍ଗ ପ୍ରମୁଖ ଯୋଗଦେଇ ଆଜିର ଦୁନିଆରେ ଘଟୁଥିବା ଅଘଟଣକୁ ପ୍ରତିହତ କରିବା ସହ ନାବାଳିକାଙ୍କ ଆତ୍ମସୁରକ୍ଷା ପାଇଁ ତାଲିମ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା କୌଶଳକୁ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। ତାଲିମ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା କୌଶଳକୁ ନିଜେ ସିଡିପିଓ ମଧ୍ୟ ଶିକ୍ଷା କରିଥିଲେ। ଉକ୍ତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ହରପ୍ରିୟା ବେହେରା, ମହାଲକ୍ଷ୍ମୀ ପଟ୍ଟନାୟକ, ଶଶି ମୁଦୁଲି, କନକ ନାୟକ, ପ୍ରଭାସିନୀ ହିଆଲ ସମେତ ସମସ୍ତ ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ। ଏହି ତାଲିମ୍ ଶିବିରରେ ମାଷ୍ଟର ଟ୍ରେନର ଭାବେ ଶିକ୍ଷୟିତ୍ରୀ ପରମେଶ୍ୱରୀ ବୁରୁଡ଼ି ଯୋଗଦେଇ କିଶୋରୀ ବାଳିକାମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଗଞ୍ଜେଇ ଗଛ କାଟିବାବେଳେ ଉତ୍ତେଜନାମୂଳକ ପରିସ୍ଥିତି

**ମାଲକାନଗିରି,୮।୨(ସମିସ):** ମାଲକାନଗିରି ଜିଲ୍ଲାରେ ଗଞ୍ଜେଇ ଗଛ କାଟିବାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସ୍ଥିତିକୁ ନିୟନ୍ତ୍ରଣ କରି ଗଞ୍ଜେଇ ଚାଷକୁ ପୁଲିସ ନଷ୍ଟ କରିଛି। ଏପରି ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ଓର୍କେଲ ଥାନାସ୍ଥ ନାକାମାମୁଡ଼ି ପଞ୍ଚାୟତ ବାୟପଡ଼ା ଗ୍ରାମ ଜଙ୍ଗଲ ନିକଟରେ। ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଗଛ କଟା ଅଭିଯାନ ଆରମ୍ଭ କରାଯାଇଛି। ଯାହାକୁ ନେଇ ଗଞ୍ଜେଇ ଗଛ କାଟିବା ପାଇଁ ଅଭିଯାନରେ ବାହାରିଥିଲେ ଓର୍କେଲ ପୁଲିସ ଓ ଡିଭିଏଫ ଯବାନ। କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତର ବାୟାପଡ଼ା ଘାଟିରେ ଗଞ୍ଜେଇ ଗଛ କାଟିବା ପାଇଁ ଓର୍କେଲ ଥାନାର ପୁଲିସ ସହ ଡିଭିଏଫ ଯବାନ ଯାଇଥିବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବାସହ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଥିଲେ। ବହୁ ଚେଷ୍ଟା ପରେ ପରିସ୍ଥିତିକୁ ଆୟତ୍ତ କରି ଲୋକଙ୍କୁ ବୁଝାସୁଝା କରିବା ସହ ଏହି ଚାଷ ଏକ ବେଆଇନ କାର୍ଯ୍ୟ କହି ପୁଲିସ ଗଞ୍ଜେଇ ଚାଷକୁ ନଷ୍ଟ କରିଥିବା ନେଇ ସୂଚନା ମିଳିଛି।

● ଅଧାବାଟରେ ଛାଡ଼ି ମହାପ୍ରୟାଣ ଚାଳକ ଛୁ'

# ବାଇକ୍‌ରେ ୧୫ କିମି ବୁହାହେଲା ନବଜାତ ଶବ

**ଟିକିରି,୮।୨(ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଲଛୁଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ସ୍ତ୍ରୀ ଜୋସ୍ନା ଗୌଡ଼ଙ୍କର ୩ଦିନ ତଳେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବାରୁ ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିବାରୁ ପରିବାର ଲୋକେ ଶବକୁ ମହାପ୍ରୟାଣ ଗାଡ଼ିରେ ୨୫ଶହ ଟଙ୍କାଦେଇ ନିଜ ଗ୍ରାମ ଲଛୁଗୁଡ଼ାକୁ ଆଣୁଥିଲେ। ସେହି ସମୟରେ ଚାଳକ ଜଣକ ଅତ୍ୟାଧିକ ମଦ୍ୟପାନ କରି ବିପଦପୂର୍ଣ୍ଣ ଭାବେ ଗାଡ଼ି ଚଳାଇ ଆସୁଥିବା ସମୟରେ ବାଟରେ ଦୁଇଟି ଟ୍ରକ ସହ ଧକ୍କା ହୋଇଥାନ୍ତା। ଏନେଇ ଚାଳକ ଓ ମୃତକଙ୍କ ପରିବାର ଲୋକଙ୍କ ସହ ପାଟିତୁଣ୍ଡ ହୋଇ ତୋଟାଗୁଡ଼ା ଛକରେ ଶବକୁ ଓହ୍ଲାଇ ଦେଇ ସେଠାରୁ ଗାଡ଼ି ଫେରାଇ ନେଇଥିଲା। ପରିବାର ଲୋକେ କୌଣସି ଉପାୟ ନପାଇ ବାଇକରେ ଶିଶୁପୁତ୍ରର ମରଶରୀରକୁ ଧରି ୧୫କିମି ନିଜ ଗ୍ରାମକୁ ଆଣିଥିଲେ।

● ଦୁର୍ଗମ ଅଞ୍ଚଳରେ ପହଞ୍ଚିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

# ଲୋକଙ୍କ ଅଭିଯୋଗ ଶୁଣିଲେ; ସଚେତନ କରାଇଲେ

**ନାରାୟଣପାଟଣା,୮।୨(ସମିସ):** ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ନାରାୟଣପାଟଣା ବ୍ଲକ ଦୁର୍ଗମ ଅଞ୍ଚଳ ତେନ୍ତୁଳିପଦର ପଞ୍ଚାୟତର ଉପର ରଙ୍ଗପାଣି ଓ ତଳ ରଙ୍ଗପାଣି ଗ୍ରାମରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଜରିଆରେ ମହିଳା ସଶକ୍ତୀକରଣ, ବିନା ସୁଧରେ ମହିଳାମାନଙ୍କୁ ୫ ଲକ୍ଷ ଟଙ୍କାର ଋଣ ପ୍ରଦାନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାର ପିଛା ୫ ଲକ୍ଷ ଓ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା, ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ଲକ୍ଷ୍ମୀ ବସ୍ ସେବା ଯୋଗାଇ ଦେଇଥିବା ବିଷୟ ମହିଳାମାନଙ୍କୁ ବୁଝାଇ ତା'ର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ପକ୍କା ରାସ୍ତା ପାଇଁ ଦରଖାସ୍ତ ଦେଇଥିବାବେଳେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ ନିୟମିତ ଆସୁ ନ ଥିବା ଓ ଠିକ୍ ଭାବେ ପୁଷ୍ଟିକର ଖାଦ୍ୟ ଦେଉ ନ ଥିବା ଅଭିଯୋଗ କରିଥିଲେ। ପକ୍କା ରାସ୍ତା ନିର୍ମାଣ ପାଇଁ ସେ ବ୍ୟବସ୍ଥା କରିବେ ଓ ଅଙ୍ଗନବାଡ଼ି କର୍ମୀଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର ବିଭାଗୀୟ ତଦନ୍ତ କରିବା ନିମନ୍ତେ ସେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସହ ମହିଳା ବିଜୁ ଜନତା ଦଳ କୋରାପୁଟ ନଗର ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, ସମାଜସେବୀ ରୁଦ୍ର ସାଉନ୍ତା, ସ୍ଥାନୀୟ ସରପଞ୍ଚ ଏବଂ ବିଜେଡି ପଞ୍ଚାୟତ ସଭାପତି ଉପସ୍ଥିତ ଥିଲେ।



ANIMESH FOOD PRODUCTS
ANIMESH INDIAN SNACKS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

# ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳଚ୍ଚିତ୍ର କର୍ମଶାଳା

**କୋରାପୁଟ,୮।୨(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଚଳଚ୍ଚିତ୍ର ଓ ଦୂରଦର୍ଶନ ପ୍ରତିଷ୍ଠାନ (ଏଫଟିଆଇଆଇ)ପୁନେର ମିଳିତ ଆନୁକୂଲ୍ୟରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳଚ୍ଚିତ୍ର ଭିତ୍ତିକ ଦକ୍ଷତା ପାଠ୍ୟକ୍ରମ ଉପରେ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଫେବୃଆରୀ ୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ତଥା ବିତ୍ତ ଅଧିକାରୀ ପ୍ରଫେସର ନରସିଂହ ଚରଣ ପଣ୍ଡା, ସିୟୁଓର ପରାମର୍ଶଦାତା ପ୍ରଫେସର ବିଭାଷ ଚନ୍ଦ୍ର ଝା, ଜାତୀୟ ଖ୍ୟାତିସମ୍ପନ୍ନ ଅଭିନେତା ତଥା ପୁନେସ୍ଥିତ ଏଫଟିଆଇଆଇର ପ୍ରଫେସର ସଞ୍ଜୟ ମୋରେ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ. ସୌରଭ ଗୁପ୍ତା ଓ ଆସୋସିଏଟ ପ୍ରଫେସର ଡ. ନିଖିଲ କୁମାର ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ୧୫ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାକୁ ଉଦ୍‌ଘାଟନ କରି କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହାକୁ ବିଶ୍ୱବିଦ୍ୟାଳୟର ଐତିହାସିକ ଘଟଣା ବୋଲି ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳଚ୍ଚିତ୍ର ଭିତ୍ତିକ ଦକ୍ଷତା ଉପରେ ପ୍ରଶିକ୍ଷଣ ଦେବା ପାଇଁ ମନ୍ତ୍ରଣାଳୟ ଓଡ଼ିଶାର ଏକମାତ୍ର ଅନୁଷ୍ଠାନକୁ ଚୟନ



କରିଥିବାରୁ ସେ ଖୁସି ଅନୁଭବ କରିଥିଲେ । ଏହି ପାଠ୍ୟକ୍ରମରୁ ଛାତ୍ରଛାତ୍ରୀ କେବଳ ଏଥିରୁ ଶିଖିବେ ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସଶକ୍ତୀକରଣ ପାଇଁ ପ୍ରଶିକ୍ଷଣ ଦେବେ। ଏହାଦ୍ୱାରା ଏହି ଅଞ୍ଚଳର ସାମଗ୍ରୀକ ଜନଜାତି ବିକାଶ ହୋଇପାରିବ। ସ୍ଥାନୀୟ ଜନଜାତିଙ୍କ ବିକାଶ ପାଇଁ ଥିବା ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଏହି କର୍ମଶାଳା ମାଧ୍ୟମରେ ପୂରଣ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ର ନିର୍ମାଣ ମାଧ୍ୟମରେ ଜନଜାତିମାନେ ସେମାନଙ୍କ ସମସ୍ୟା ବିଷୟରେ କହିପାରିବେ ଯାହା ସେମାନଙ୍କ ସଶକ୍ତୀକରଣ ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି। ପ୍ରଫେସର ପଣ୍ଡା ତାଙ୍କ ଅଭିଭାଷଣରେ ସମାଜରେ ଚଳଚ୍ଚିତ୍ରର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଭବିଷ୍ୟତର ବିକାଶ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଉପରେ ପ୍ରଫେସର ଝା ଗୁରୁତ୍ୱାରୋପ କରିଥିଲେ। ଏକବିଂଶ ଶତାବ୍ଦୀର ଯୁଗରେ ସାମାଜିକ-ଅର୍ଥନୈତିକ ବିକାଶରେ ଉଦ୍ଭାବନ ଓ ଦକ୍ଷତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି କର୍ମଶାଳା ପ୍ରତିଭା ଅନୁସନ୍ଧାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କ୍ୟାରିୟର ବିକାଶ ପାଇଁ ସଶକ୍ତ କରିବା ସହ ଏକ ଶକ୍ତିଶାଳୀ ଛାତ୍ର ସମୁଦାୟ ଗଠନ କରିବ। ଯିଏ ଭବିଷ୍ୟତର ମାର୍ଗଦର୍ଶକ ହେବ ବୋଲି ସେ କହିଥିଲେ। ଡ. ସୌରଭ ଗୁପ୍ତା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କର୍ମଶାଳାର ଉଦ୍ଦେଶ୍ୟ ଓ ଏହାର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଶିଖିବା ପାଇଁ ଏକ ଉତ୍ତମ ସୁଯୋଗ ବୋଲି ସେ କହିଥିଲେ। ବିଶେଷଜ୍ଞ ଭାବେ ଏଫଟିଆଇଆଇର ବିଶିଷ୍ଟ ପ୍ରଫେସରମାନେ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ୧୫ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବେ। ଡ. ନିଖିଲ ଗୌଡ଼ ଧନ୍ୟବାଦ ଅର୍ପଣ କରିବା ସହ ଚଳଚ୍ଚିତ୍ର ଓ ଭିଡିଓ ନିର୍ମାଣ ମାଧ୍ୟମରେ ସଶକ୍ତୀକରଣର କିଛି ଉଦାହରଣ ପ୍ରଦାନ କରିଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ଗୌରବ ରଞ୍ଜନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଫେସର, ଗବେଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ପ୍ରଫେସର ଭରତ ପଣ୍ଡା, ପ୍ରଫେସର ହେମରାଜ ମୀନା, ପରୀକ୍ଷା ନିୟନ୍ତ୍ରକ ଡ ରାକେଶ ଲେଙ୍କା, ଡ.ଚକ୍ରଧର ପଧାନ, ଡ. ନିର୍ଝରିଣୀ ତ୍ରିପାଠୀ, ଡ. ମିନତି ସାହୁ, ଡ. ପ୍ରଦୋଷ କୁମାର ରଥ, ଡ. ପ୍ରସନଜିତ ସିହ୍ନା, ଡ. ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ ଡ. ସୋନି ପାଢ଼ୀ, ଡ. ତଲତ ଜାହାଁ ବେଗମ୍ ଓ ତେଲରାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼, ଗଞ୍ଜାମ
ନାମଲେଖା ବିଜ୍ଞାପନ- ୨୦୨୪-୨୫
ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (Section P-9.I.C) ଆଇନ ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ SC, ST, SEBC, CWSN, B.P.L (ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ସାମାଜିକ ଅନଗ୍ରସର ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା. ୨୨.୦୨.୨୦୨୪ରିଖ ଠାରୁ ୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.gov.in website ମାଧ୍ୟମରେ ଆବେଦନ କରିପାରିବେ। ଶ୍ରେଣୀର ମୋଟ ଆସନ ସଂଖ୍ୟା ୬୦ ଅଟେ। ଉକ୍ତ ଆସନ ମଧ୍ୟରୁ ୨୫% ସ୍ଥାନ ହିସାବରେ ୧୫ ଗୋଟି (କେବଳ ୧ମ ଶ୍ରେଣୀ)ର ଆସନ ସଂରକ୍ଷଣ ଅଛି ।
ବି.ଦ୍ର.: ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବା ଅନିବାର୍ଯ୍ୟ ଅଟେ।
ସା- ପ୍ରଧାନ ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କୁଲାଡ଼
ଯୋଗାଯୋଗ- ୯୯୩୮୬୨୫୦୦୩, ୯୬୩୯୩୬୨୯୨୮

# ଜନଜାତି ସଂସ୍କୃତି ପ୍ରଗତି ଓ ସଶକ୍ତ ଓଡ଼ିଶା ସାଥୀ ଶିବିର





ପଦ୍ମପୁର,୮।୨(ସମିସ)

ରାୟଗଡ଼ା ଜିଲ୍ଲା ପଦ୍ମପୁର ଆରଜି କଲେଜ ପାଖ ଖେଳପଡ଼ିଆଠାରେ ଗୁରୁବାର ଜନଜାତି ସଂସ୍କୃତି ପ୍ରଗତି ସଶକ୍ତ ଓଡ଼ିଶା ସାଥୀ ଶିବିର ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣୁପୁରର ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ର, ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ଉପାଧ୍ୟକ୍ଷ ରମେଶ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ହୁରୁଚୁଲା ମାଝୀ, ସହଦେବ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ପରିଚୟ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ପ୍ରଧାନ ନିଜ ଅଭିଭାଷଣରେ ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଜନଜାତିଙ୍କ ସଂସ୍କୃତି ଓ ପ୍ରଗତି ସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପରେ ବିଭାଗର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ପଦ୍ମପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଜନଜାତି ସମ୍ପ୍ରଦାୟର ଦିଶାରୀ, ଔଷଧ, କଳା ସଂସ୍କୃତି, ଭାଷା ତଥା ବିଭିନ୍ନ କ୍ଷେତ୍ର ଉଲ୍ଲେଖନୀୟ ଅବଦାନ ପାଇଁ ୨୫ ଜଣଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆଦିବାସୀ କଳା ସଂସ୍କୃତି ଉପରେ ପର୍ଯ୍ୟବସିତ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ଏହି ସଶକ୍ତ ସାଥୀ ଶିବିର ପଦ୍ମପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଜିତ ଚୌଧୁରୀ, ନୀଳମାଧବ ପାଣିଗ୍ରାହୀ, ରାଜେଶ ବେହେରା, ବାଳକୃଷ୍ଣ ଶବର ସହଯୋଗ କରିଥିବାବେଳେ ମିଶନ ଶକ୍ତି ସଂଯୋଜକ ସୁନିଲ ମିଶ୍ର ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**କଲ୍ୟାଣସିଂହପୁର:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜନଜାତି ସଂସ୍କୃତି ପ୍ରଗତି ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷା ଅମ୍ରିତା କାଡ୍ରାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ବନମାଳୀ କାଡ୍ରାକା ରହିଥିବାବେଳେ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ ଓ ବ୍ଲକ୍ ଉପାଧ୍ୟକ୍ଷା ଡମ୍ବରୁ କଞ୍ଜାକା, ଲୋକକଳା ପରିଷଦର ଉପସଭାପତି ସନ୍ତୋଷ ବଛା, ସମାଜସେବୀ ବି. ମାଧବ ରାଓ, ଆଦିବାସୀ କନ୍ଧ କୂଳ ବ୍ଲକ୍ କାର୍ଯ୍ୟକାରୀ ସଭାପତି ଶଙ୍କର ହୁଇକା, ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ପିଏ ଆଇଟିଡିଏ ଦିଲ୍ଲୀପ ବେହେରା, ଏଡିଡବ୍ଲୁଓ ବିରେନ୍ଦ୍ର ସାହୁ, ଡିକେଡିଏ ପ୍ରାଜେକ୍ଟ ଅଧିକାରୀ ଫିଲିପ କୁମାର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ଥିଲେ। ଲୋପ୍ ପାଇବାକୁ ବସିଥିବା ଆଦିବାସୀ ଲୋକକଳାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ଯୋଜନାଗୁଡ଼ିକ କରିଛନ୍ତି। ଏଥିରେ ୨୫ ଜଣ ଆଦିବାସୀ ଭାଇଙ୍କୁ ଅତିଥୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଶିକ୍ଷକ, ବ୍ଲକ, ସମନ୍ୱିତ ଶିଶୁ ବିକାଶର ସମସ୍ତ କର୍ମଚାରୀ ସମେତ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଡାବୁଗାଁ:** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜିଲ୍ଲା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ତରଫରୁ ଜନଜାତିଙ୍କ ପ୍ରଗତି ନିମନ୍ତେ ସଶକ୍ତ ଓଡ଼ିଶା ସାଥୀ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ସଂସ୍କୃତି, ନୃତ୍ୟ, ଦିଶାରି, ଆୟୁର୍ବେଦ ଔଷଧରେ କୃତିତ୍ୱ ଅର୍ଜନ ବ୍ୟକ୍ତି ଓ ଗ୍ରାମ ମୁଖ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୋଟ ୨୫ ଜଣଙ୍କୁ ଉପଢୌକନ, ମାନପତ୍ର ଓ ସିଲ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲ୍ଲା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସତ୍ୟବ୍ରତ ବେହେରା, ବିଡିଓ ଶରତ ମାଝି, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଶୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ବୁଦୁରମ ଜାନୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି କାର୍ତ୍ତିକ ଭତରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁସୁମବନ୍ଧ ଗ୍ରାମର ଢେମସା ନୃତ୍ୟ ଓ ମାନିଆଗୁଡ଼ା ଗ୍ରାମର ଧୁଡୁରା ବାଜା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ୨ ନୃତ୍ୟ ଦଳକୁ ୧୦ ହଜାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏଡି ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ‘ସମ୍ପ୍ରଦାୟ ସହିତ ଘନିଷ୍ଠ ସମ୍ପର୍କ ସୃଷ୍ଟି ପାଇଁ ବେଦାନ୍ତର ପ୍ରୟାସ’



**ମୁନିଗୁଡ଼ା,୮।୨(ସମିସ):** ସ୍ଥାନୀୟ ସମ୍ପ୍ରଦାୟ ସହିତ ସଂଯୋଗ ସ୍ଥାପନ ପାଇଁ ବେଦାନ୍ତ ଲାଞ୍ଜିଗଡ଼ର ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ ଏବଂ ତାଙ୍କ ସହକର୍ମୀମାନେ ୫ଟି ବିଭିନ୍ନ ଗ୍ରାମକୁ ଯାଇ ୫୦୦ରୁ ଅଧିକ ସମ୍ପ୍ରଦାୟର ସଦସ୍ୟଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ନୂତନ ପୋଷାକ, କମ୍ବଳ, ପୁଷ୍ଟିକର ଖାଦ୍ୟ, କ୍ରୀଡ଼ା ଉପକରଣ, ପିଲାମାନଙ୍କ ପାଇଁ ଚକୋଲେଟ୍ ଏବଂ ସ୍ନାକ୍ସ, ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ସହିତ ନୃତ୍ୟ ପରି ବିଭିନ୍ନ ମଜାଳିଆ କାର୍ଯ୍ୟ ତଥା ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଗୀତ ଗାଇବା, ସ୍ଥାନୀୟ ସଂସ୍କୃତିରେ ନିୟୋଜିତ ହୋଇ ଏହି ଦିନଟକୁ ପାଳନ କରିଥିଲେ। ଏହି ଅବସରରେ ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଯେତେବେଳେ ଆମେ ବିଭିନ୍ନ ସଂସ୍କୃତିକୁ ଗ୍ରହଣ କରୁ, ସେତେବେଳେ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ସ୍ମରଣୀୟ ହୋଇଯାଏ। ବେଦାନ୍ତ ଲାଞ୍ଜିଗଡ଼ରେ ଆମର ନିରନ୍ତର ପ୍ରୟାସ ହେଉଛି ସମ୍ପ୍ରଦାୟ ସହିତ ଘନିଷ୍ଠ ସମ୍ପର୍କ ସୃଷ୍ଟି ତଥା ଅର୍ଥପୂର୍ଣ୍ଣ ସଂଯୋଗ ସ୍ଥାପନ କରିବା। ଏହି ପଦକ୍ଷେପକୁ ପ୍ରଶଂସା କରି ଆନଜୋଡି ଗ୍ରାମର ସରପଞ୍ଚ ଚଞ୍ଚଳା ମାଝୀ ପ୍ରକାଶ କରିଛନ୍ତି, ଯେତେବେଳେ ସମାଜ କଲ୍ୟାଣ କଥା ଉଠେ ସେତେବେଳେ ବେଦାନ୍ତ ଲାଞ୍ଜିଗଡ଼ ସର୍ବଦା ଆଗରେ ରହିଆସିଛି। ସମସ୍ତ ସମ୍ପ୍ରଦାୟର ସଦସ୍ୟମାନଙ୍କ ପ୍ରତି ସର୍ବଦା ସେମାନଙ୍କର ଉଚ୍ଚ ସମ୍ମାନ ପ୍ରଦାନ କରିଥିବାରୁ ମୁଁ ବେଦାନ୍ତ ଲାଞ୍ଜିଗଡ଼କୁ ଧନ୍ୟବାଦ ଜଣାଉଛି।

ସ୍ଥାୟୀ ଜୀବିକା, ଗୁଣାତ୍ମକ ଶିକ୍ଷା, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ, ଜଳ, ପରିମଳ ଏବଂ ସମ୍ପ୍ରଦାୟର ଭିତ୍ତିଭୂମି କ୍ଷେତ୍ରରେ ବେଦାନ୍ତ ଲାଞ୍ଜିଗଡ଼ର ସାମାଜିକ ହସ୍ତକ୍ଷେପ ୬୭ରୁ ଅଧିକ ଗ୍ରାମ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଛି। ଏହା ୩୭୮ରୁ ଅଧିକ ଏସଏଚଜିରୁ ୪୦୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି। ବାର୍ଷିକ ପ୍ରାୟ ୬୦ ହଜାର ଲୋକଙ୍କୁ ଗୁଣାତ୍ମକ ଏବଂ ଦ୍ୱାରସ୍ଥ ସ୍ୱାସ୍ଥ୍ୟସେବା ଯୋଗାଉଛି। ଲାଞ୍ଜିଗଡ଼ର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଛି। ଅତ୍ୟାଧୁନିକ ସୁବିଧା ସହିତ ସଜ୍ଜିତ ୨୦୦ରୁ ଅଧିକ ନନ୍ଦ ଘରରେ ୪୦୦୦ ଶିଶୁ ଏବଂ ୮୦୦ ମହିଳାଙ୍କୁ ପ୍ରତିପୋଷଣ କରିବା, କ୍ରୀଡ଼ା ଏବଂ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ପ୍ରାୟ ୨୦୦ ଯୁବକଙ୍କୁ ସଶକ୍ତ କରିଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୦୨୩ରେ ୨.୨୯ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମ ଶିଳ୍ପ ପାଇଁ ଏସ୍ ଆଣ୍ଡ ପି ଗ୍ଲୋବାଲ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୩ ବିଶ୍ୱ ମାନ୍ୟତାରେ ପ୍ରଥମ ସ୍ଥାନରେ ରହିଛି।

## ଟୁରିଗୁଡ଼ା ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଚନ୍ଦ୍ରପୁର,୮।୨(ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଟୁରିଗୁଡ଼ା ଗ୍ରାମ ପଞ୍ଚାୟତରେ ଥିଲେ। ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କୋଇନ କିମ୍ବାକା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ବଡୁବାଲି ସରପଞ୍ଚ ଭୀମଗୋ ଗେରେଙ୍ଗା, ପିସ୍କାପଙ୍ଗା ସରପଞ୍ଚ ପ୍ରତିନିଧି ସୁନା ମାଝି, ସମିତିସଭ୍ୟ ମନୋଜ ପ୍ରସ୍କାକା, ସରପଞ୍ଚ ସୁନିତା ମୁଣ୍ଡିକା, ନାଏବ ସରପଞ୍ଚ, ସଭ୍ୟ ସଭ୍ୟା, କୃଷି ବିଭାଗ, ଜଳ ବିଭାଜିକା, ଜଙ୍ଗଲ, ଜୀବିକା ମିଶନ ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ମଞ୍ଚାସିନ ଥିଲେ। ପଞ୍ଚାୟତର ସମସ୍ତ ହିତାଧିକାରୀ ସରକାରୀ ଯୋଜନାରୁ କେହି ବଞ୍ଚିତ ନ ହୁଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାରକୁ ଅନ୍ତର୍ଭୁକ୍ତ କରିଥିବାବେଳେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ବିନା ସୁଧରେ ଋଣ ପ୍ରଦାନ, ପ୍ରତ୍ୟକ ପରିବାରକୁ ରାସନ କାର୍ଡ, ଗର୍ଭବତୀଙ୍କୁ ମମତା ଯୋଜନାରେ



ଅନ୍ତର୍ଭୁକ୍ତ, ମିଶନ ଶକ୍ତି ତରଫରୁ ଏସଏଚଜିଙ୍କୁ କୁକୁଡ଼ା, ଛେଳି, ବତକ ପାଳନ, ମାଛ ଚାଷ ପାଇଁ ସହାୟତା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତାରେ ମନ୍ଦିର, ମସଜିଦ, ଚର୍ଚ୍ଚ ଉନ୍ନତିକରଣ, ସୌରଚାଳିତ ପାନୀୟଜଳ ପ୍ରକଳ୍ପ, ପ୍ରତ୍ୟେକ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ଲକ୍ଷ୍ମୀ ବସ୍ ଆଦି ବିଭିନ୍ନ ଯୋଜନା ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଶିବିରକୁ ପିଇଓ ରାଜେନ୍ଦ୍ର କୁମାର ପାଳ ପରିଚାଳନା କରିଥିବାବେଳେ ଏହାକୁ ସହଯୋଗ କରିଥିଲେ କନିଷ୍ଠ କିରାଣି ବିକାଶ ନାୟକ, ଯୋଗାଣ ସହାୟକ ଚନ୍ଦ୍ର ସାହୁ, ଦିବାକର ବ୍ରେକବେଡା, ଜଗଦୀଶ ଦଳେଇ, ପ୍ରବୀର ପାତ୍ର ଏବଂ ସମସ୍ତ କର୍ମଚାରୀ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୬ଟି ଗ୍ରୁପ୍ ମଧ୍ୟରୁ ଡେଲାପଡ଼ା ଠାକୁରାଣୀ କଳାକାରମାନେ ଶ୍ରେଷ୍ଠ ବିବେଚିତ ହୋଇଥିଲେ।

## ନିର୍ମାଣ ଆନୁକୂଲ୍ୟରେ ଜୈବବିବିଧତା ଉତ୍ସବ




**ଟିକିରି/କାଶୀପୁର,୮।୨(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସିରିପାଇ ପଞ୍ଚାୟତ ଓଟଘାଟି ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ନିର୍ମାଣ ତରଫରୁ ଏକ ଦିବସୀୟ ବ୍ଲକସ୍ତରୀୟ ଜୈବବିବିଧତା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ୮ଟି ପଞ୍ଚାୟତର ୪୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି, ଯୁବଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦନ ଦଳର ସଭ୍ୟସଭ୍ୟ ଓ କୃଷକ କ୍ଲବର ସଭ୍ୟସଭ୍ୟା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ରୂପେ ସୁନୀଲ କୁମାର ପ୍ରଧାନ, କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ, କାଶୀପୁର ରେଞ୍ଜର, ଡି.ଡି.ଏମ. ନାବାର୍ଡ ରାୟଗଡ଼ା ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଲୋକମାନଙ୍କ ଭୂମିକା ତଥା ସ୍ଥାନୀୟ କୃଷି ଓ କୃଷକର କଲ୍ୟାଣ ବିଷୟରେ ଆଲୋଚନା କରିଥିଲେ। ଉତ୍ସବର ପ୍ରାରମ୍ଭିକ ପର୍ଯ୍ୟାୟରେ ଅତିଥିମାନଙ୍କୁ ବିହନ କଳସ ଯାତ୍ରା ମାଧ୍ୟମରେ ଚାଷୀ ଭାଇଭଉଣୀମାନେ ପାରମ୍ପରିକ ବାଦ୍ୟରେ ସିରିପାଇଛକରୁ କାର୍ଯ୍ୟକ୍ରମ ପଡ଼ିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ବ୍ଲକରେ କାର୍ଯ୍ୟରତ କୃତୀ ସମାଜସେବୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଜନହିତକର କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ଚାଷୀ ଭାଇମାନଙ୍କ ମଧ୍ୟରେ ବିହନ ଅଦଳବଦଳ କାର୍ଯ୍ୟକ୍ରମ ହୋଇଥିବା ବେଳେ ଜୈବ ବିବିଧତା ଓ ଆମର ଦାୟିତ୍ୱ ଉପରେ ଆଧାରୀତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ମାଣ ସ୍ୱେଚ୍ଛାସେବୀ ସଂଗଠନର ରାଜ୍ୟ ସଂଯୋଜିକା ଅରୁଣିମା ସ୍ୱାଇଁ, କାଶୀପୁର ତହସିଲଦାର ସୁନୀଲ କୁମାର ପ୍ରଧାନ, କାଶୀପୁର ରେଞ୍ଜର ଆନ୍ତର୍ଯ୍ୟାମୀ ସାହୁ, ଡିଡିଏମ. ନାବାର୍ଡ, ଡିପିଏମ. ମିଲେଟ ମିଶନ ରାୟଗଡ଼ା ଓ ୮ଟି ପଞ୍ଚାୟତର ସରପଞ୍ଚ ମଞ୍ଚାସୀନ ଥିଲେ। ଉକ୍ତ ଉତ୍ସବକୁ ସଫଳ କରିବାରେ ନିର୍ମାଣ ଅନୁଷ୍ଠାନର ସମସ୍ତ କର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ରାମ ଗୃହ ନିର୍ମାଣ ଦାବି




**ରାମନାଗୁଡ଼ା,୮।୨(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସଂଖ୍ୟା ବୃଦ୍ଧିକୁ ନଜରରେ ରଖି ୨୦୨୩ ଜାନୁଆରୀରେ ନୂତନ ଭାବେ ଦୁଇ ମହଲା କୋଠା ନିର୍ମାଣ କରାଯାଇ ତାହା ଏବେ କାର୍ଯ୍ୟକ୍ଷମ କରାଯାଇଛି। କିନ୍ତୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରାମନାଗୁଡ଼ା ବ୍ଲକ ସମେତ କୋଲନରା ବ୍ଲକର ମୁକୁନ୍ଦପୁର,ପଦ୍ମପୁର ବ୍ଲକର ଡେରିଗାଁ, ନାଇରା,ବିଷମକଟକ ବ୍ଲକର ଦୁର୍ଗୀ ଅଞ୍ଚଳରୁ ଦୈନିକ ଶତାଧିକ ପୁରୁଷ ଓ ମହିଳା ରୋଗୀ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। କିନ୍ତୁ ରୋଗୀ ସହିତ ଆସୁଥିବା ସମ୍ପର୍କୀୟଙ୍କ ବିଶ୍ରାମ କରିବା ପାଇଁ ବିଶ୍ରାମ ଗୃହ ନାହିଁ। ଏହି ସମସ୍ୟା ସମ୍ପର୍କରେ ଏଥିପୂର୍ବରୁ ବାରମ୍ବାର ଖବର ପ୍ରସାରଣ କରାଯାଉଥିଲେ ମଧ୍ୟ ପ୍ରଶାସନର ନଜର ପଡୁନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସେଥିପାଇଁ ରୋଗୀଙ୍କ ସାଙ୍ଗରେ ଥିବା ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୃଷ୍ଟି ଆକର୍ଷଣ କରି ରୋଗୀମାନଙ୍କ ସମ୍ପର୍କୀୟଙ୍କ ବିଶ୍ରାମ ପାଇଁ ବିଶ୍ରାମ ଗୃହ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବୈପାରୀଗୁଡ଼ା,୮।୨(ସମିସ):** ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ କାଦମଗୁଡ଼ା ଗ୍ରାମର ନବ ଗୌଡ଼ କୌଣସି କାମରେ ଲାଖମଲିଆଗୁଡ଼ା ଛକ ଆଡୁ ନିଜ ଘରକୁ ଫେରିବା ସମୟରେ ଜୁରିଆଗୁଡ଼ା ନଦୀ ପୋଲରେ ନିଜ ବାଇକରୁ ଭାରସାମ୍ୟ ହରାଇ ପୋଲ ତଳେ ପଡ଼ିଯାଇଥିଲେ। ଫଳରେ ନଦୀର ପାଣିରେ ବୁଲେଟ ସହିତ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ବୈପାରୀଗୁଡ଼ା ମେଡିକାଲ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରିବା ପରେ ଶୁକ୍ରବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ଟିକିରି,୮।୨(ସମିସ):** ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟିକିରିର ଦୁଇଜଣ ଶିକ୍ଷକଙ୍କୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟର ଶିକ୍ଷକ ରଞ୍ଜିତ କୁମାର ମିଶ୍ର ଓ ରାଜେନ୍ଦ୍ର ମହାନ୍ତଙ୍କୁ ଶ୍ରେଷ୍ଠ ମାଧ୍ୟମିକ ଶିକ୍ଷକ ଭାବେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି। ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ‘୫-ଟି’ ଅଧ୍ୟକ୍ଷ, ଗଣଶିକ୍ଷା ସଚିବ, ବିଭାଗୀୟ ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପ୍ତିମୟୀ ସିଂହ, ପ୍ରଧାନଶିକ୍ଷକ, ସହକର୍ମୀ ତଥା ଗ୍ରାମବାସୀ ପୁରସ୍କୃତ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କ୍ଷତିପୂରଣ ଦାବିରେ ରେଳ ଷ୍ଟେସନ ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା

## ବୁଝାସୁଝା ପରେ ସ୍ମାରକ ପତ୍ର ପ୍ରଦାନ କରି ଆନ୍ଦୋଳନରୁ ହଟିଲେ

ନନ୍ଦପୁର,୮।୨(ସମିସ)




ବିସ୍ଥାପିତଙ୍କୁ ଭୁଆଁ ବୁଲାଉଛି ରେଳ ବିଭାଗ। ୧୦ ବର୍ଷ ପରେ ବି ଜମିହରାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଦିଗରେ ବିଭାଗ ଉଦାସୀନତା ନୀତି ପୋଷଣ କରୁଥିବା ଅଭିଯୋଗ କରିବା ସହ ଏନେଇ ଉଦବେଗ ପ୍ରକାଶ କରିଛି ଅବିଭକ୍ତ କୋରାପୁଟ ଜିଲ୍ଲାର ଜମିହରା ବିସ୍ଥାପିତ ସଂଘ। ଗୁରୁବାର

**● ୧୦ ବର୍ଷ ଧରି ରେଳ ବିଭାଗର ଉଦାସୀନତାକୁ ନେଇ ଉଦ୍‌ବେଗ ପ୍ରକାଶ**

ଅବିଭକ୍ତ ଜମିହରା ବିସ୍ଥାପିତ ସଂଘ ପକ୍ଷରୁ ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ମାଛକୁଣ୍ଡ ରେଳ ଷ୍ଟେସନ ସମ୍ମୁଖରେ ଜମିହରାଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଶତାଧିକ ଜମିହରା ଧାରଣା ଦେଇଥିଲେ। ହଜାର ହଜାର ଏକର ଜମି ରେଳ ବିଭାଗ ଅଧୀନରେ ଆସିଥିବାବେଳେ ବିଭାଗ ଜମିହରାଙ୍କ ପରିବାରଙ୍କୁ ଚାକିରି କିମ୍ବା ବର୍ତ୍ତମାନ ଦର ହିସାବରେ ଜମିର ମୂଲ୍ୟ ପ୍ରଦାନ କରିବାକୁ ଦାବି ହୋଇ ଆସୁଛି। ହେଲେ ରେଳ ବିଭାଗ କେବଳ ଭୁଆଁ ବୁଲାଇ ଚାଲିଛି ବୋଲି ସଂଘ କହିଛି। ଗୁରୁବାର ମାଛକୁଣ୍ଡ ରେଳ ଷ୍ଟେସନ ସମ୍ମୁଖରେ ଧାରଣା ଦେଇ ନିଜ ଦାବିରେ ଅଡ଼ି ବସିଥିଲା ସଂଘ। ଖବର ପାଇ ରେଳ ବିଭାଗର କୋରାପୁଟ ଜୋନର କିଛି ଅଧିକାରୀଙ୍କ ସହ ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ନନ୍ଦପୁର ଆଇଆଇସି ଆଶ୍ରିତା ଖାଲକୋ, ଏସ୍‌ଆଇ ବେଦବର ସାହୁ, ଦୀପ୍ତିମୟୀ ଧାରୁଆ ଗୌଡ଼ଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ସ୍ଥାନୀୟ ତହସିଲଦାର ଅନାଦି ଚରଣ ସାହୁଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେପଟେ ବାରମ୍ବାର ସଂଘ ରେଳ ବିଭାଗ ଦ୍ୱାରା କ୍ଷତିଗ୍ରସ୍ତଙ୍କ ଦାବି ପୂରଣ ନେଇ ଅନଶନ କରିଆସୁଥିଲେ ମଧ୍ୟ ଜମିହରାଙ୍କ ଦାବିକୁ କର୍ଣ୍ଣପାତ କରିଥିବା ସଂଘ ଅଭିଯୋଗ କରିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଅଡ଼ି ବସିଥିଲେ। ଏହି ପରିପ୍ରେକ୍ଷୀରେ ନନ୍ଦପୁର ଏସଡିଓ ସଞ୍ଜୟ କୁମାର ମହାପାତ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବୁଝାସୁଝା ପରେ ମାଛକୁଣ୍ଡ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରି ଅନଶନରୁ ଓହରିଥିଲେ। ତେବେ ଉପସ୍ଥିତ ସ୍ଥାନୀୟ ଆରପିଏଫ୍ ଅଧିକାରୀ ଦେବେନ୍ଦ୍ର ପିଙ୍ଗୁଆ, ବିଜୟ କୁମାର ବେକ୍, କୋରାପୁଟ ଓଆଇସି ଦେବେନ୍ଦ୍ର ନାୟକ, ରେଳ ବିଭାଗ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଗ୍ରହଣ କରାଯାଇଥିବା ଦାବିପତ୍ର ଉପରିସ୍ଥ ରେଳ ବିଭାଗ ଅଧିକାରୀଙ୍କୁ ଅତି ଜରୁରୀ ମନେ କରି ପ୍ରେରଣ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ଆଶ୍ୱାସନା ମିଳିଥିଲା। ତେବେ ଶତାଧିକ ଜମିହରା କ୍ଷତିପୂରଣ ପାଇଁ ଆଶା ପ୍ରକଟ କରିଥିବାବେଳେ ରେଳ ବିଭାଗର ଉଦାସୀନତା ନେଇ ଉଦବେଗ ପ୍ରକାଶ କରିଛନ୍ତି ସଂଘର ସଭାପତି ଜଳନ୍ଧର ଖିଲ। ଦାବିଗୁଡ଼ିକ ଉଦ୍ଦିଷ୍ଟ ନ୍ୟାୟ ସଙ୍ଗତ ରହିଥିବାରୁ ତୁରନ୍ତ ଆଲୋଚନା କରାଯିବା ପାଇଁ ରେଳ ବିଭାଗ ପକ୍ଷଙ୍କୁ ସଂଘର ଦାବି ପ୍ରେରଣ କରିବାକୁ ଷ୍ଟେସନ ମାଷ୍ଟରଙ୍କୁ ପରାମର୍ଶ ଦେଇଛନ୍ତି ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର।

# ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର



**ନନ୍ଦପୁର,୮।୨(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଡୁଆ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଗୌରୀମଣି ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିବାବେଳେ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରିଥିଲେ।

# ନୂଆଗାଁରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ବୋରିଗୁମ୍ମା,୮।୨(ସମିସ):** ବୋରିଗୁମ୍ମା ବ୍ଲକ୍ ଅଧୀନସ୍ଥ ସରକାରୀ ଆଶ୍ରମ ବିଦ୍ୟାଳୟ ନୂଆଗାଁରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଦନ ମୋହନ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୈଳାସ ଚନ୍ଦ୍ର ବ୍ରହ୍ମା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟ ନାରାୟଣ ପଣ୍ଡା, ଅଞ୍ଚଳା ସେବାଶ୍ରମର ପ୍ରଧାନସେବକ ଭକ୍ତ ରାମ ଚୋଉପାଡ଼ିଆ, ଗୁମୁଡ଼ା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜୀବ ଲୋଚନ ମହାପାତ୍ର, ଏସଏମସି ସଭାପତି ଅହଲ୍ୟା ନାୟକ ଯୋଗଦେଇଥିଲେ। ଏଠି ସହିତ ରେଙ୍ଗାଳଗୁଡ଼ା କ୍ଲଷ୍ଟରର ସିଆରସିସି ହରିହର ଶତପଥି, ରମାକାନ୍ତ ମହାପାତ୍ର, ବେନାସୁର ସେବାଶ୍ରମର ପ୍ରଧାନସେବିକା ସବିତା ଗୁରୁ, ଗୁମୁଡ଼ା ସେବାଶ୍ରମର ପ୍ରଧାନସେବିକା ତୁଳାବତୀ ମାଝୀ, ସହକାରୀ ଶିକ୍ଷକ ଶ୍ରୀନିବାସ ରାଓ, କୃଷ୍ଣ ହରିଜନ, ସୁପ୍ରିୟା ଦେବୀ, ଡି. ରମାଦେବୀ, ଏସଏମସି ସଭ୍ୟ ଦୁର୍ଯ୍ୟୋଧନ ଗୌଡ଼, ପ୍ରମୋଦ କୁମାର ନାୟକ, ଲାବଣ୍ୟ ଗଣ୍ଡା, ଲକ୍ଷ୍ମଣ ହରିଜନ, ମଧୁସୂଦନ ହରିଜନ, କୁଶ ହରିଜନ ଏବଂ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବଳିୟାରସିଂ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକର୍ମୀ ବିଷ୍ଣୁପ୍ରିୟା ଜେନା, ସୁଶ୍ରୀ ରେହାଲ କଶ୍ୟପ, ସୁଶ୍ରୀ ମଧୁରୀ ନିଳକମଳ ଓ ବିଦ୍ୟାଳୟର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଗ୍ରାମର ମହାବୀର ସେନାର ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରି ଉତ୍ସବକୁ ସଫଳ କରିଥିଲେ।

## କେନ୍ଦ୍ର ବଜେଟରେ ରହିଲାନି ପୂର୍ବତଟ ରେଳ ଡିଭିଜନ ପାଇଁ ନୂଆ ଟ୍ରେନ

# ଦିନରେ ଭୁବନେଶ୍ୱର ଓ ଦିଲ୍ଲୀ ଯାତ୍ରା ପାଇଁ ମଉଳିଲା ଆଶା

**କୋରାପୁଟ,୮।୨(ସମିସ):**

କେନ୍ଦ୍ର ସରକାରଙ୍କ ଚଳିତ ବର୍ଷର ରେଳବାଇ ବଜେଟରେ ଅଗ୍ରାଧିକାର ଭିତ୍ତିରେ ୱାଲଟିୟର ଓ ରାୟଗଡ଼ା ଡିଭିଜନର ବିଭିନ୍ନ ପୁରୁଣା ଓ ନୂଆ ପ୍ରକଳ୍ପକୁ ଗୁରୁତ୍ୱ ଦେଇଛନ୍ତି। ଏପରିକି ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର ନୂତନ ରେଳପଥର ଦୋହରାକରଣ କାର୍ଯ୍ୟ ପାଇଁ ଅଗ୍ରାଧିକାର ଭିତ୍ତିରେ ପ୍ରକଳ୍ପର ତ୍ୱରାନ୍ୱିତ କାର୍ଯ୍ୟ ପାଇଁ ବ୍ୟୟବରାଦ କରାଯାଇଛି। ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଆଦିବାସୀ ବହୁଳ ଜିଲ୍ଲା ତଥା ପର୍ଯ୍ୟଟନର ଭିତ୍ତିଭୂମି ଥିବା କୋରାପୁଟ ପାଇଁ ଏକ ନୂତନ ରେଳ ଚଳାଚଳ ସହିତ ରାଜ୍ୟର ଭୁବନେଶ୍ୱର ଓ ଦେଶର ରାଜଧାନୀ ନୂଆଦିଲ୍ଲୀ ପାଇଁ ନୂଆ ରେଳର ବ୍ୟବସ୍ଥା କରାଯାଇନାହିଁ। ତେଣୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକଙ୍କ ମନରେ ନିରାଶା ଦେଖାଦେଇଛି। କୋରାପୁଟ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ଏଥିରେ ପର୍ଯ୍ୟଟନର ଭିତ୍ତିଭୂମି ଖୁନ୍ଦି ହୋଇ ରହିଛି।

କୋରାପୁଟରେ ହାଲ୍, ନାଲକୋ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୃଷି ଗବେଷଣା କେନ୍ଦ୍ର, ପୁଲିସ ତାଲିମ କେନ୍ଦ୍ର, ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଭଳି ଅନେକ କର୍ପୋରେଟ ଓ ଶିକ୍ଷାନୁଷ୍ଠାନ ରହିଛି। ଜିଲ୍ଲାର ଜୟପୁର, ସେମିଳିଗୁଡ଼ା, କୋରାପୁଟ ଭଳି ସହରାଞ୍ଚଳରେ ଦେଶ ତଥା ରାଜ୍ୟର କୋଣ ଅନୁକୋଣରେ ଲୋକେ ଆସି ବ୍ୟାବସାୟିକ ପ୍ରତିଷ୍ଠାନ କରିବା ସହ ସରକାରୀ କର୍ମଚାରୀ ଭାବରେ କାମ କରୁଛନ୍ତି। ଆଗକୁ ଇକୋ ରିଟ୍ରିଟ, ୱେଡିଙ୍ଗ ଡେଷ୍ଟିନେସନ, ଇକୋ ଟୁରିଜିମ ଭଳି ପର୍ଯ୍ୟଟନର ବିକାଶ ପାଇଁ ସରକାର ଯୋଜନା କରିଛନ୍ତି। ତଥ୍ୟ ଅନୁସାରେ, ଚଳିତ ବର୍ଷ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଦେଶୀ ବିଦେଶୀ ପର୍ଯ୍ୟଟକ କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଆସିଛନ୍ତି। କିନ୍ତୁ ଗମନାଗମନ କ୍ଷେତ୍ରରେ ସାଧାରଣତଃ ପର୍ଯ୍ୟଟକ ହେଉ କିମ୍ବା ଯାତ୍ରୀ ସବୁବେଳେ ଆରାମଦାୟକ ଯାତ୍ରା ସହିତ ତୁରନ୍ତ ନିର୍ଦ୍ଦିଷ୍ଟ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଆଶା ରଖିଥାନ୍ତି। କିନ୍ତୁ ପରିତାପର ବିଷୟ କୋରାପୁଟରୁ ରାଜ୍ୟ ରାଜଧାନୀ ଭୁବନେଶ୍ୱରକୁ କେବଳ ଗୋଟିଏ ମାତ୍ର ଟ୍ରେନ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଉଭୟପଟୁ ଯିବାଆସିବା କରେ। ଯେଉଁଥିରେ ପ୍ରତିଦିନ ନାହିଁ ନ ଥିବା ଭିଡ଼ ସହ ଅନେକ ଯାତ୍ରୀ ଆରାମଦାୟକ ଯାତ୍ରାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ରାୟଗଡ଼ାରୁ ଦିଲ୍ଲୀ ପାଇଁ ସମତା ଏକ୍ସପ୍ରେସ ଚାଲୁଥିବାବେଳେ କିଛି ଦିନ ହେଲା ବନ୍ଦ ରହିଛି। ଏପଟେ ରେଳ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରିଛନ୍ତି କିନ୍ତୁ କୋରାପୁଟରୁ ଭୁବନେଶ୍ୱର ପାଇଁ ଦିନବେଳା ଏକ ନୂତନ ଏକ୍ସପ୍ରେସ ଟ୍ରେନର ଦାବି ବାରମ୍ବାର ବିଭିନ୍ନ ସଂଗଠନ ତରଫରୁ କରାଯାଇଥିଲେ ମଧ ରେଳ ବିଭାଗ ଏହାକୁ ଅଣଦେଖା କରିଛି। ଫଳରେ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ମନରେ ନିରାଶାଭାବ ଖେଳିଯାଇଛି। ଅନୁରୂପ ଭାବେ ଯଦିଚ ପୂର୍ବରୁ ରାୟଗଡ଼ା ଦେଇ ଦିଲ୍ଲୀ ଯିବା ପାଇଁ ବ୍ୟବସ୍ଥା ଥିଲା କିନ୍ତୁ ସମ୍ପୃକ୍ତ ଟ୍ରେନକୁ କୋରାପୁଟ ଦେଇ ଦିଲ୍ଲୀ ଯିବା ପାଇଁ ପୁନଃ ଚଳାଚଳ ଦାବିକୁ ମଧ ରେଳ ବିଭାଗ ଅଣଦେଖା କରିଥିବା ଜିଲ୍ଲାବାସୀଙ୍କୁ ଉପେକ୍ଷିତ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।




ରାୟଗଡ଼ା-କୋରାପୁଟ କେଆର ଲାଇନକୁ ସରକାର ଦୋହରାକରଣ ପାଇଁ ଅଗ୍ରାଧିକାର ଭିତ୍ତିରେ ୨୦୨୫ ସୁଦ୍ଧା ଶେଷ କରିବା ପାଇଁ ନିଷ୍ପତ୍ତି ନେଇ କାର୍ଯ୍ୟକୁ ଆଗେଇ ଚାଲିଛନ୍ତି। ଆଶା ଥିଲା ଦୋହରାକରଣ କାର୍ଯ୍ୟ ଶେଷ ପରେ ଚଳିତ ବର୍ଷଠାରୁ ସିଙ୍ଗଲ ଟ୍ରାକ୍ ଅସୁବିଧା ରହିବ ନାହିଁ ଆଉ ସେଥିପାଇଁ ସରକାର ଭୁବନେଶ୍ୱରକୁ ଦିନବେଳା ଅନ୍ତତଃ ଆଉ ଏକ ଟ୍ରେନ୍ ସମ୍ଭାବ୍ୟ ଜନଗହଳି ଓ ଯାତ୍ରୀଙ୍କ ସୁବିଧା ପାଇଁ ଅନୁମୋଦନ ଦେବେ କିନ୍ତୁ ବିଭିନ୍ନ ଜାଗାରେ ମେଟ୍ରୋ ଲାଇନ୍ ଏପରିକି ବନ୍ଦେ ଭାରତ ଏକ୍ସପ୍ରେସ ଭଳି ବ୍ୟବସ୍ଥା କରାଯାଇଥିଲେ ମଧ ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନ ବା ଆଗାମୀ ଦିନରେ ରାୟଗଡ଼ା ଡିଭିଜନ ପାଇଁ ଏକ ଏକ୍ସପ୍ରେସ ଟ୍ରେନ୍ ମଧ ରେଳ ବଜେଟରେ ରଖିନାହାନ୍ତି। ଯାହାକି କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ରେଳଯାତ୍ରାର ଆଶା ମଉଳିଯାଇଛି। ଦୈନିକ ସରକାରୀ ଓ ବେସରକାରୀସ୍ତରରେ ୪୦ରୁ ଊର୍ଦ୍ଧ୍ୱ ବସ୍ ଏବଂ ଅକାଶପଥରେ ଇଣ୍ଡିଆ ୱାନ ଏୟାର ମାଧ୍ୟମରେ ଉଡ଼ାଜାହାଜ ଚାଲୁଛି ତଥାପି ଲୋକେ ଭୁବନେଶ୍ୱର ପାଇଁ ରେଳ ଯୋଗାଯୋଗ କ୍ଷେତ୍ରରେ ଯାତ୍ରା କରିବା ସୁରକ୍ଷିତ ଓ ଆରାମଦାୟକ ମଣିଥାନ୍ତି।

ଏନେଇ କୋରାପୁଟର ବରିଷ୍ଠ ନାଗରିକ ବେଣୁଧର ପାତ୍ର କହିଛନ୍ତି, ଚଳିତ ରେଳ ବଜେଟରେ ଯଦି କୋରାପୁଟରୁ ଦାମନଯୋଡ଼ି, ଲକ୍ଷ୍ମୀପୁର ଓ ରାୟଗଡ଼ା ଦେଇ ସମ୍ବଲପୁର, କଟକ ଓ ଭୁବନେଶ୍ୱରକୁ ଦିନବେଳା ଏକ ଏକ୍ସପ୍ରେସ ଟ୍ରେନ ଉଭୟ ପଟୁ ଯିବାଆସିବା କରନ୍ତା, ତାହେଲେ ଦକ୍ଷିଣ ଓଡ଼ିଶା ସହ ପଶ୍ଚିମ ଓ ଉପକୂଳ ଓଡ଼ିଶାବାସୀ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ସେହିପରି ସୁନାବେଡ଼ା ସହରାଞ୍ଚଳର ଗୋପୀନାଥ ପ୍ରଧାନଙ୍କ କହିବା ଅନୁଯାୟୀ, ସାଧାରଣତଃ ସୁନାବେଡ଼ା, ଦାମନଯୋଡ଼ି ଓ ସେମିଳିଗୁଡ଼ା ଭଳି ଅଞ୍ଚଳରେ କେନ୍ଦ୍ରୀୟ ସରକାରୀ ଓ କର୍ପୋରେଟ ସଂସ୍ଥାର ଅନେକ ଲୋକ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଓ ଛତିଶଗଡ଼ର କର୍ମଚାରୀ ରହନ୍ତି। ସାଧାରଣତଃ ସେମାନେ ରାୟପୁର ଓ ଦିଲ୍ଲୀ ଯିବାଆସିବା ପାଇଁ ବିଶାଖାପାଟଣା କିମ୍ବା ରାୟପୁର ବସ୍ ଯୋଗେ ଯାଇ ଦିଲ୍ଲୀ ଯାଆନ୍ତି। ତେଣୁ ଏଥର ବଜେଟରେ କୋରାପୁଟରୁ ଏକ ସ୍ୱତନ୍ତ୍ର ଭାବେ ସପ୍ତାହକୁ ୩ ଦିନ ନୂତନ ଏକ୍ସପ୍ରେସ ଟ୍ରେନର ବ୍ୟବସ୍ଥା ହୋଇଥିଲେ ଅନେକ ଲୋକ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ରହିଛି। ରେଳବାଇ ଏହାକୁ ଆଖି ଆଗରେ ରଖି କେଉଁଠି ଷ୍ଟେସନର ଅମୃତ ଭାରତ ଯୋଜନା ନାଁରେ ବିକାଶ କରୁଛି ତ ଅନ୍ୟ କେଉଁଠି ଦୋହରାକରଣ ଓ ଆଧୁନିକୀକରଣ କାର୍ଯ୍ୟ ଚାଲୁ ରଖିଛି। ତେଣୁ ଏବେବି ରେଳ ବିଭାଗ ବା କେନ୍ଦ୍ର ସରକାର କୋରାପୁଟ ଜିଲ୍ଲାବାସୀଙ୍କ ପାଇଁ ଦୁଇ ରାଜଧାନୀକୁ ସ୍ୱତନ୍ତ୍ର ଭାବେ ଦୁଇଟି ରେଳର ବ୍ୟବସ୍ଥା କଲେ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀ ଉପକୃତ ହୁଅନ୍ତେ।

# ନବରଙ୍ଗପୁର-ଜୟପୁର ରେଳ ଲାଇନ୍ ନିର୍ମାଣ ଦାବି



**ନବରଙ୍ଗପୁର,୮।୨(ସମିସ):** ରେଳ ଭବନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଜୟପୁର-ମାଲକାନାଗିରି ଓ ଜୟପୁର- ନବରଙ୍ଗପୁର ରେଳ ଲାଇନର ଭୂମି ଅଧିଗ୍ରହଣ କାମ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଛନ୍ତି ପୂର୍ବତନ ସାଂସଦ ବଳଭଦ୍ର ମାଝୀ। ସୂଚନା ଯୋଗ୍ୟ ଯେ, ଏହି ଦୁଇଟି ରେଳ ଲାଇନ ୨୦୧୬ ମସିହାରୁ ସ୍ୱୀକୃତି ପାଇଛି। ୨୦୧୮ରୁ ଜମି ଅଧିଗ୍ରହଣ ପାଇଁ ସରକାରଙ୍କୁ ଦିଆଯାଇଛି ଏବଂ ଜୟପୁର-ନବରଙ୍ଗପୁର ରେଳ ପାଇଁ ରାଜ୍ୟ ସରକାର ମାଗଣା ଜମି ଓ ପ୍ରକଳ୍ପ ଖର୍ଚ୍ଚର ୫୦% ଓ ଜୟପୁର-ମାଲକାନଗିରି ଲାଇନ ପାଇଁ ପୂରା ଖର୍ଚ୍ଚର ୨୫% ବହନ କରିବା ପାଇଁ ଚୁକ୍ତି ମଧ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନ ସୁଦ୍ଧା ରେଳ ଲାଇନ କାମ ଆରମ୍ଭ ହୋଇପାରୁନାହିଁ। ସେ ନେଇ ଶୀଘ୍ର ରେଳ ଲାଇନ ନିର୍ମାଣ ପାଇଁ ରେଳ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିବା ପୂର୍ବତନ ସାଂସଦ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ବିକ୍ରମଦେବଙ୍କ ୧୦ ଫୁଟିଆ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି

**ଜୟପୁର,୮।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିଶ୍ୱବିଦ୍ୟାଳୟର ସମ୍ମୁଖସ୍ଥ ମୁଖ୍ୟ ପ୍ରବେଶ ଫାଟକ ନିକଟରେ ମହାରାଜା ବିକ୍ରମଦେବ ବର୍ମାଙ୍କ ୧୦ ଫୁଟିଆ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୧୯୪୭ ମସିହାରେ ଜୟପୁର ତତ୍କାଳୀନ ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମା ଦକ୍ଷିଣ ଓଡ଼ିଶା ତଥା ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷାର ବିକାଶ ପାଇଁ ଜୟପୁରଠାରେ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ନାମରେ ପ୍ରଥମେ ମହାବିଦ୍ୟାଳୟ ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ନାମକରଣ ହୋଇଥିବା ଯୋଗୁଁ ତାଙ୍କର ଏକ ୧୦ ଫୁଟିଆ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସାଧାରଣରେ ଦାବି ହୋଇଥିଲା। ରାଜ୍ୟର ଏହି ପୁରାତନ ମହାବିଦ୍ୟାଳୟକୁ ୨୦୦୦ ମସିହାରେ ସ୍ୱୟଂଶାସିତ ମାନ୍ୟତା ମିଳିଥିଲା। ପ୍ରତିଷ୍ଠାର ଦୀର୍ଘ ୭୫ ବର୍ଷ ପରେ ରାଜ୍ୟର



ମୁଖ୍ୟମନ୍ତ୍ରୀ ୨୦୨୩ ଫେବୃଆରୀ ୨ ତାରିଖରେ ଏହି ମହାବିଦ୍ୟାଳୟକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ବିକ୍ରମଦେବଙ୍କ ପ୍ରତିମୂର୍ତ୍ତି ନାମରେ ପୂର୍ବତନ ଜୟପୁର ମହାରାଜା ରାମଚନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା। ଏନେଇ ଜୟପୁର ସହର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ପ୍ରବଳ ବିରୋଧ ପରେ ଏହାକୁ ଉଠାଇ ଦିଆଯାଇଥିଲା। ମହାବିଦ୍ୟାଳୟର ପ୍ରତିଷ୍ଠାତା ବିକ୍ରମଦେବ ବର୍ମାଙ୍କ ପ୍ରକୃତ ପ୍ରତିମୂର୍ତ୍ତି ପାଇଁ ବିଭିନ୍ନ ଫଟୋଚିତ୍ର ସଂଗ୍ରହ କରିବା ସହ ଏକ ଚୟନ କମିଟି ଗଠନ କରାଯାଇଥିଲା। ଜୟପୁର ମାନବାଧିକାର କର୍ମୀ ଅନୁପ ପାତ୍ର ବିଶାଖାପାଟଣାସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ସମ୍ମୁଖରେ ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ରହିଥିବା ଏକ ପ୍ରତିମୂର୍ତ୍ତିର ଫଟୋଚିତ୍ର ସଂଗ୍ରହ କରିବା ସହ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ପ୍ରେରଣ କରିଥିଲେ। ମହାରାଜା ବିକ୍ରମଦେବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ମାଧ୍ୟମରେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ ରାଜ୍ୟ ଓଡ଼ିଆ ଭାଷା, ସଂସ୍କୃତି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା।

# ୧୮ ନମ୍ବର ୱାର୍ଡରେ 'ଆମ ସହରର ବିକାଶ' କାର୍ଯ୍ୟକ୍ରମ



**ସେମିଳିଗୁଡ଼ା,୮।୨(ସମିସ)**

ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା କିଭଳି ଭାବେ ଲୋକାଭିମୁଖୀ ହୋଇପାରିବ ଏ ନେଇ ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୮ରେ 'ଆମ ସହରର ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୌର ପରିଷଦର ହିସାବ ଅଧିକାରୀ ଦେବୀ ପ୍ରସାଦ ତାଲି ଯୋଗଦେଇ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ସବୁ ସାମିଲ ହେବା ପାଇଁ ନିବେଦନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ ସବୁ ଗରିବ ଲୋକଙ୍କୁ ପକ୍କା ଘର ଦେବା ପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି। ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ସୁନାବେଡ଼ା ପୌର ପରିଷଦ ଉନ୍ନତି ଲକ୍ଷ୍ୟରେ କାମ କରୁଥିବା କହିଥିଲେ। ଉପାଧ୍ୟକ୍ଷା ରିତୁ କଣ୍ଡା, ସମାଜସେବୀ ସୁରୋଜ ପଡ଼ାଲ, ପରିଷଦ ସୁଶ୍ରୀ ମମତା ରାୟ ପ୍ରମୁଖ ଯୋଗଦେଇଥିଲେ। ସୁନାବେଡ଼ା ପୌର ପରିଷଦ ପକ୍ଷରୁ ଅନେକ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯିବା ସହ ନୂତନ ମଧୁସୂଦନ ଭତ୍ତା, ଆବାସ ଘର ନିମନ୍ତେ କାର୍ଯ୍ୟ ନିର୍ଦ୍ଦେଶାବଳି ପ୍ରଦାନ କରାଯାଇଥିଲା। ସେହିପରି ୱାର୍ଡ ନଂ ୧୮ରେ ଆଶା ଦିଦି ଉର୍ମିଳା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ମାଣ୍ଡିଆ ସାମଗ୍ରୀ କରି ରୋଜଗାରକ୍ଷମ ହୋଇପାରୁଥିବା ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଡ ଅଫିସର କିଶୋର ନାୟକ, ଏସଡିଏ, ସଭାପତି, ସଭ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଅମଳବେଳେ ବଜାରରେ ରସୁଣ ଦର ବୃଦ୍ଧି

**ସେମିଳିଗୁଡ଼ା,୮।୨(ସମିସ):** ବେପାରୀଙ୍କ କାରସାଦି ଯୋଗୁଁ କୋରାପୁଟ ଜିଲ୍ଲାରେ ଚଳିତବର୍ଷ ଅମଳବେଳେ ରସୁଣ ଦର ପ୍ରାୟ ଦୁଇଗୁଣ ବଢ଼ିଛି। କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବଜାରରେ ରସୁଣ କିଲୋ ୪୦୦ ଟଙ୍କା ହିସାବରେ ବିକ୍ରି ହେଉଛି। ଦର ବୃଦ୍ଧି ସତ୍ତ୍ୱେ ଚାଷୀ ବିଶେଷ ଲାଭ ପାଇନାହାନ୍ତି। ବେପାରୀଙ୍କ ନିୟନ୍ତ୍ରଣରେ ରସୁଣ ରହିଥିବାରୁ ବଜାରରୁ ଏକପ୍ରକାର ଉଭାନ ହୋଇଯାଇଛି। କୋରାପୁଟ ଜିଲ୍ଲାର ପଟାଙ୍ଗି, ନନ୍ଦପୁର, ସେମିଳିଗୁଡ଼ା, କୁନ୍ଦୁରା, ଜୟପୁର, ଲକ୍ଷ୍ମୀପୁର ବ୍ଲକର ଚାଷୀ ରସୁଣ ଉତ୍ପାଦନ କରୁଛନ୍ତି। ଚଳିତବର୍ଷ ପ୍ରାୟ ୨୦୦ ହେକ୍ଟର ଜମିରେ ଏହା ଚାଷ ହୋଇଛି। ଗତବର୍ଷ ତୁଳନାରେ ଉତ୍ପାଦନ ପ୍ରାୟ ୨୭ ପ୍ରତିଶତ ବଢ଼ିଛି। ଅଧିକ ଉତ୍ପାଦନ ସତ୍ତ୍ୱେ କୋରାପୁଟ ଜିଲ୍ଲାରେ ଏବେ କିଲୋ ପିଛା ଦର ୪୦୦ ଟଙ୍କା ରହିଛି। ଏପରିକି ଖୁଚୁରା ବ୍ୟବସାୟୀ ବଜାରରେ ରସୁଣ ନ ଥିବା ଦର୍ଶାଇ ୪୦୦ରୁ ୪୫୦ ଟଙ୍କାରେ ବିକ୍ରି କରୁଛନ୍ତି। ସେମିଳିଗୁଡ଼ା ବଜାରରେ ୨/୩ଟି ଦୋକାନରେ ମାତ୍ର ରସୁଣ ମିଳିଛି। ଅଧିକ ଦର ଯୋଗୁଁ ବେପାରୀମାନେ ବିକିବା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଯାହା ଫଳରେ ରସୁଣର ଅଭାବ ଦେଖାଦେଇଛି। କିଛି ଦିନ ପୂର୍ବରୁ ଦର ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ରହିଥିଲା। ଦର ବୃଦ୍ଧି ପଛର କାରଣ କିଏ ବି ଜାଣିନାହିଁ। ଦର ବୃଦ୍ଧି ନିୟନ୍ତ୍ରଣ କରିବାରେ ଅଧିକାରୀମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

● ତତ୍ପର ହେଲା ପ୍ରଶାସନ

# ଦେଢ଼ ବର୍ଷ ପରେ ବୋରିଂରେ ଲାଗିଲା ହ୍ୟାଣ୍ଡପମ୍ପ୍

**ଉମରକୋଟ/ବେହେଡ଼ା,୮।୨(ସମିସ):**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ବେହେଡ଼ା ପଞ୍ଚାୟତ ଅନ୍ତର୍ଗତ ବଲବେଡ଼ା ଗ୍ରାମର ସାନ୍ତା ସାହିରେ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ବୋରୱେଲ ଖୋଳାଯାଇଥିଲେ ମଧ ସେଥିରେ ହ୍ୟାଣ୍ଡପମ୍ପ୍ ଲଗାଯାଇ ନ ଥିଲା। ଏନେଇ 'ସକାଳ'ରେ ଖବର ପ୍ରକାଶ ପରେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ତତ୍ପରତା ପ୍ରକାଶ କରି ଦୀର୍ଘ ଦେଢ଼ ବର୍ଷ ପରେ ବୋରୱେଲରେ ହ୍ୟାଣ୍ଡପମ୍ପ୍ ଲଗାଇଛନ୍ତି। ଯାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ସାନ୍ତା ସାହିର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟଜଳ ପାଇଁ ନିକଟସ୍ଥ ତାରିଣୀ ମନ୍ଦିର ଓ ଜଙ୍ଗଲ



'ସକାଳ' ପ୍ରଭାବ

ବିଭାଗର ନର୍ସରୀରେ ଥିବା ନଳକୂଅ ଉପରେ ନିର୍ଭର କରି ଆସୁଥିଲେ। କିନ୍ତୁ ଉକ୍ତ ଦୁଇଟି ନଳକୂଅ ଖରାପ ହୋଇଯିବାରୁ ନିକଟସ୍ଥ ତେଲ ନଦୀର ଦୂଷିତ ଜଳକୁ ସାହିବାସିନ୍ଦା ପାନୀୟଜଳ ରୂପେ ବ୍ୟବହାର କରିବାକୁ ବାଧ୍ୟ ହେଉଥିଲେ। ଏନେଇ ସାହିବାସିନ୍ଦାଙ୍କ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ସାନ୍ତା ସାହିରେ ନୂତନ ଭାବେ ବୋରୱେଲ ଖୋଳାଯାଇଥିଲା। କିନ୍ତୁ ବୋରୱେଲ ଖୋଳାଯାଇ ଦୀର୍ଘ ଦେଢ଼ ବର୍ଷ ବିତିଥିଲେ ମଧ ସେଥିରେ ହ୍ୟାଣ୍ଡପମ୍ପ୍ କି ସୋଲାର୍ ପାନୀୟଜଳ ପ୍ରକଳ୍ପ ସହ ସଂଯୋଗ କରାଯାଇ ନ ଥିଲା। ଏନେଇ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ଖରାଦିନ ଆସିବା ଆଗରୁ ଲୋକେ ଯେପରି ପାଣିର ଅସୁବିଧା ନ ଭୋଗନ୍ତି, ତାହାକୁ ଦୃଷ୍ଟିରେ ରଖି ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହ ଖୋଳାଯାଇଥିବା ବୋରୱେଲରେ ହ୍ୟାଣ୍ଡପମ୍ପ୍ ସଂଯୋଗ କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଅଧିକାରୀ ପ୍ରତୀକ କୁମାର ରାଉତ ଓ ଗ୍ରାମ୍ୟ ଜଳଯୋଗାଣ ଉପଖଣ୍ଡର କନିଷ୍ଠ ଯନ୍ତ୍ରୀ ଶରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ବେହେଡ଼ା ପଞ୍ଚାୟତ ଅନ୍ତର୍ଗତ ବଲବେଡ଼ା ଗ୍ରାମର ସାନ୍ତା ସାହିଠାରେ ହ୍ୟାଣ୍ଡପମ୍ପ୍ ଓ ତାରିଣୀ ମନ୍ଦିରଠାରେ ଅଚଳ ହୋଇ ପଡ଼ିଥିବା ନଳକୂଅକୁ ମରାମତି କରାଯାଇଛି। ଏଥିରେ ଏହି ଦୁଇ ଅଧିକାରୀଙ୍କୁ ସାହିବାସିନ୍ଦା ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ଡାବୁଗାଁ,୮।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପ୍ରତିଭାବାନ, କବି, ନାଟ୍ୟକାର, ସାହିତ୍ୟିକ ତଥା ଝରିଗାଁ ମହାବିଦ୍ୟାଳୟର ଅଧ୍ୟାପକ ଗୋପାଳ ମହାରଣା, ବ୍ଲକ୍ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଦ୍ୟାଳୟ ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀ, ବ୍ଲକ୍ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ, ସଙ୍ଗୀତ, ବକ୍ତୃତା ଓ ଜଗନ୍ନାଥଙ୍କ ଭଜନ, ଏକକ ନୃତ୍ୟ, ଦ୍ୱୈତ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ନୃତ୍ୟ ପ୍ରତିଯୋଗିତାରେ ବିଚାରକ ଭାବେ ଭୈରବ ସ୍ନାତକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପିକା ଉର୍ମିଳା ବ୍ରହ୍ମା, ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ଚନ୍ଦନା ପଣ୍ଡା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ଡାବୁଗାଁ ବ୍ଲକର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ସାହିତ୍ୟ କାର୍ଯ୍ୟକ୍ରମ ମୁଖ୍ୟ ଅଧ୍ୟାପକ ସରୋଜ କୁମାର ବୋଡ଼କିଆ, ଅଧ୍ୟାପିକା ପ୍ରତୀକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଏମ୍‌ଭି ୭୪ରେ ନୂତନ କାଳୀ ମନ୍ଦିରର ନିର୍ମାଣ କାର୍ଯ୍ୟ ତଦାରଖ



**ମାଲକାନଗିରି,୮।୨(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି ୭୪ ଗ୍ରାମରେ ବଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ନିର୍ମାଣଧିନ ନୂତନ ମା' କାଳୀ ମନ୍ଦିରର ନିର୍ମାଣ କାର୍ଯ୍ୟର ତଦାରଖ ଓ ଗର୍ଭଗୃହ କାର୍ଯ୍ୟ ଶେଷ ହୋଇଥିବାରୁ ସେଠାରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା ଯୁବ ଜନତା ଦଳ ସଭାପତି ଆଡ଼ମା ରାବା ପୂଜା ଅର୍ଚ୍ଚନା କରିଛନ୍ତି। ଅଞ୍ଚଳବାସୀ ଶ୍ରୀ ରାବାଙ୍କୁ ଆଡ଼ମ୍ବର ସହ ସ୍ୱାଗତ କରି ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଘଣ୍ଟ ଓ ଶଙ୍ଖ ଧ୍ୱନିରେ ମନ୍ଦିର ନୂତନ ଗର୍ଭଗୃହ ପୂଜା ଓ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ସହ ଅନ୍ୟାନ୍ୟ କାର୍ଯ୍ୟର ତଦାରଖ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ବଙ୍ଗୀୟ ସମ୍ପ୍ରଦାୟ ବୁଦ୍ଧିଜୀବୀ, ଯୁବକ ଓ ମା'ମାନେ ଯୋଗଦେଇଥିଲେ। ତେବେ ଗ୍ରାମବାସୀଙ୍କ ଭଲପାଇବା ଏବଂ ଆଶୀର୍ବାଦ ପାଇ ବେଶ୍ ଖୁସି ବ୍ୟକ୍ତ କରିଥିଲେ ଶ୍ରୀ ରାବା। ଏହି ପୂଜା ଅର୍ଚ୍ଚନା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କାଲିମେଲା ଅଞ୍ଚଳର ଜିଲ୍ଲା ବିଜେଡି ସମ୍ପାଦକ ଅନୁପ ମିସ୍ତ୍ରୀ, କାଲିମେଲା ବ୍ଲକ ଯୁବ ଜନତା ଦଳ ସଭାପତି ମିରିକାଙ୍କ ମଣ୍ଡଳ ପ୍ରମୁଖ ଯୋଗଦେଇଥିବା ବେଳେ ଏମ ଭି ୭୪ କମିଟିର ସଭାପତି, ଉପ ସଭାପତି, କୋଷାଧ୍ୟକ୍ଷ ସାଧାରଣ ସମ୍ପାଦକ ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

# ତପନଙ୍କୁ ରୋଜଗାର ଯୋଗାଉଛି ପଇଡ଼



**ଉମରକୋଟ,୮।୨(ସମିସ):** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଉମରକୋଟ ସହର ନିକଟସ୍ଥ ଯୁଭି ୧୮ ନଂ କାରାଗାଁର ତପନ ମଞ୍ଜୁଦାର(୪୬)ଙ୍କୁ ରୋଜଗାର ଯୋଗାଉଛି ପଇଡ଼। ବଡ଼ଭରଣ୍ଡି ଯିବା ରାସ୍ତା ମଝିରେ ଏକ ଛୋଟ ନୀଳଗିରି ବଗିଚା ପଡ଼ିଥାଏ। ସେଠାରେ ପ୍ରତିଦିନ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ଏଠାରେ ଜୀବିକା ନିର୍ବାହ ପାଇଁ ରାସ୍ତା କଡ଼ରେ ପଇଡ଼ ବେପାର କରିଥାନ୍ତି ଯୁଭି ୧୮ ନଂ କାରାଗାଁର ତପନ ମଞ୍ଜୁଦାର। ତପନ ପ୍ରତ୍ୟେକ ଦିନ ସକାଳୁ ଗାଁରୁ ଗାଁ ବୁଲି ଗଛରେ ଚଢ଼ି ପଇଡ଼ ସଂଗ୍ରହ କରି ସକାଳ ୧୦ଟା ସମୟରେ ପୂଜାରୀଗୁଡ଼ାର ନୀଳଗିରି ବାଡ଼ ପାଖରେ ରାସ୍ତା କଡ଼ରେ ପଇଡ଼ର ପସରା ଖୋଲି ବସିଥାନ୍ତି। ଯାହା ସେମାନଙ୍କୁ ରୋଜଗାରକ୍ଷମ କରିବାରେ ସହାୟକ ହେଉଥିବା ଜଣାପଡ଼ିଛି।
ଯୁଭି ୧୮ନଂ କାରାଗାଁର ତପନ ମଞ୍ଜୁଦାର ପରିବାର କହିଲେ ଚାରି ଝିଅ, ଦୁଇପୁଅ ଓ ସ୍ତ୍ରୀ। ତିନି ଝିଅ ବିବାହ କରିଥିବାବେଳେ ଗୋଟିଏ ଝିଅ, ଦୁଇପୁଅ ଏବଂ ସ୍ତ୍ରୀ ଘରେ ରୁହନ୍ତି। ତପନ ପ୍ରତ୍ୟେକ ଦିନ ସକାଳୁ ପାଖ ଗାଁ ବୁଲି ପଇଡ଼ ସଂଗ୍ରହ କରି ଆଣିଥାନ୍ତି। ସକାଳ ୧୦ଟା ବେଳକୁ ପୂଜାରୀଗୁଡ଼ା ପାଖରେ ଥିବା ନୀଳଗିରି ବଗିଚା ରସ୍ତା କଡ଼ରେ ପଇଡ଼ ବ୍ୟବସାୟ କରିଥାନ୍ତି। ଏହି ପଇଡ଼ ପାଣି ପିଇବା ଲାଗି ବହୁ ଦୂରଦୂରାନ୍ତକୁ ଯାଉଥିବା ବାଟୋଇ ଅଟକି ଯାଆନ୍ତି। ଦୁଇପୁଅ ବିଶାଲ ମଞ୍ଜୁଦାର ଓ ବିଟୁ ମଞ୍ଜୁଦାର କାରାଗାଁର ସରକାରୀ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢ଼ିବା ସହ ସମୟ ବାହାର କରି ବାପାଙ୍କୁ ସାହାଯ୍ୟ କରିବାକୁ ଆସିଥାନ୍ତି। ଦିନକୁ ୧୦୦୦ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ ହୋଇଥାଏ ବୋଲି ସେ କହିଛନ୍ତି। ସେଥିମଧ୍ୟରୁ ୫୦୦ରୁ ୬୦୦ ଟଙ୍କା ଲାଭ ହୋଇଥାଏ। ସେହି ଟଙ୍କାରେ ପରିବାର ପ୍ରତିପୋଷଣ କରିଥାନ୍ତି ବୋଲି ବିଶାଲ ଓ ବିଟୁ ପ୍ରକାଶ କରିଛନ୍ତି।

# ପ୍ରଥମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**କୋରୁକୋଣ୍ଡା,୮।୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଡୁଡ଼ାମେଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା ଯୋଗଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମଣ୍ଡଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ଅସିତ ମିସ୍ତ୍ରୀ ସଭାପତି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଲକ୍ଷ୍ମୀ ନାରାୟଣ ସେଠି, ଡବ୍ଲୁଇଓ ପ୍ରିୟବ୍ରତ ଦଣ୍ଡପାତ, କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ଡୁଡ଼ାମେଟା ସରପଞ୍ଚ ମାଧବ ମାଡ଼ିଙ୍କ ସହ କାମବାଡ଼ା ସିଆରସିସି ଓ ଅନ୍ୟ ଜନ ପ୍ରତିନିଧିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଭଲ ପାଠପଢ଼ିବା ଏବଂ ମହାପୁରୁଷଙ୍କ ଜୀବନୀ ଉପରେ ତାଙ୍କର ଉତ୍ସର୍ଗୀକୃତ ସଂଘର୍ଷ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ବିଭିନ୍ନ ଖେଳକୁଦରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଗୋଷ୍ଠୀ ଶିକ୍ଷାଅଧିକାରୀ ଅସିତ ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ଓଡ଼ିଶା-ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ମୁନିଗୁଡ଼ା,୮।୨(ସମିସ):**



ଆମ ଓଡ଼ିଶା-ନବୀନ ଓଡ଼ିଶା'ର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ମୁନିଗୁଡ଼ା ପଞ୍ଚାୟତ ତରଫରୁ ଗୌଡ଼ସାହି ଯାତ୍ରାପଡ଼ିଆରେ ଆୟୋଜିତ ହୋଇଯାଇଛି। ପଞ୍ଚାୟତ ପିଇଓ ସୁନିଲ କୁମାର ଯାଦବଙ୍କ ସଂଯୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ପ୍ରିତମ କୁମାର ତନ୍ତୀ, ସମ୍ମାନିତ ଅତିଥି ରୂପେ ମୁନିଗୁଡ଼ା ସରପଞ୍ଚ ସରସ୍ୱତୀ ଶବର, ଜିଲ୍ଲା କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀ, ସିଡିପିଓ ଡାଲିମ୍ବ ନାୟକ, ନାଏବ ସରପଙ୍କ ଚନ୍ଦ୍ରକଳା ଦୁବେ, ସମିତି ସଭ୍ୟା ମମତା ପ୍ରାସ୍କା ଓ ଅଧିକାଂଶ ୱାର୍ଡ ମେମ୍ବରମାନେ ଉପସ୍ଥିତ ରହି ଆନୁଷ୍ଠାନିକ ରୂପେ ସଚେତନତା ଶିବିରର ଶୁଭ ଉଦଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀ, ଦେଶାତ୍ମବୋଧକ ସଙ୍ଗୀତ ଓ ଶାସ୍ତ୍ରୀୟ ନୃତ୍ୟ ପରେ ମୁଖ୍ୟଅତିଥି ବିଡିଓ ଶ୍ରୀ ତନ୍ତୀ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଗତ ଜାନୁଆରୀ ୨୧ତାରିଖରୁ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଆଜି ଏହାର ଉଦଯାପନ କରାଯାଉଛି ବୋଲି ସୂଚିତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ବିଡିଓ ଶ୍ରୀ ତନ୍ତୀ ପ୍ରକାଶ କରିଥିଲେ। ପରଦା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରି ଯୋଜନା ଗୁଡ଼ିକର ପ୍ରଚାରପ୍ରସାର କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ତରଫରୁ ଦେଶାତ୍ମବୋଧକ ନୃତ୍ୟନାଟିକା, ଶାସ୍ତ୍ରୀୟ, ଲୋକନୃତ୍ୟ, ଆଦିବାସୀ ନାଚ ଆଦି ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ତରଫରୁ ସମସ୍ତ ଅତିଥି, ଗଣମାଧ୍ୟମ ପ୍ରତିନିଧି, ପଞ୍ଚାୟତର ସମସ୍ତ ଲୋକପ୍ରତିନିଧି, ବ୍ଲକର ଯନ୍ତ୍ରୀ, ବିଭିନ୍ନ ପଞ୍ଚାୟତର ପିଇଓ, ଜିଆରଏସ, ମିଶନଶକ୍ତିର ସଦସ୍ୟା, ଓଏଲଏମର ସିଆରପି, ଇମ୍ପ୍ରିକେମାନଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀ, କଳାକାରମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ। ରାଜ୍ୟ ସରକାରଙ୍କ ମୃତ୍ତିକା ସଂରକ୍ଷଣ, କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ମହିଳା ସମନ୍ୱିତ ଶିଶୁ ବିକାଶ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସଚେତନତା ଷ୍ଟଲ ମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ମଞ୍ଚ ସଂଯୋଜନାରେ ଉତ୍ତମ କୁମାର ଦାସ, କମଳାକାନ୍ତ ଖୁଣ୍ଟିଆ, ସିଆରସି ବିଷ୍ଣୁପ୍ରିୟା ସାହୁକାର, ଜିଆରଏସ ଅଜିତ ନାଗ ପ୍ରମୁଖ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଏମ୍ପ୍ରିକେ ପୁଷ୍ପାଞ୍ଜଳି ପାଣିଗ୍ରାହୀଙ୍କ ସହ ଓଏଲଏମ ଟିମ, ପଞ୍ଚାୟତର ଅଧିକାଂଶ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

# ବୋରିଗୁମ୍ମାରେ ଜୋର୍ ଧରିଲା ମସ୍‌ଜିଦ୍ ବିବାଦ

**ବୋରିଗୁମ୍ମା,୮।୨(ସମିସ)**

କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ବହୁ ଦିନ ହେବ ନୂତନ ମସଜିଦ ନିର୍ମାଣ ବିଷୟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଗ୍ରାମବାସୀ ନୂତନ ମସଜିଦ ସ୍ଥାନାନ୍ତରଣ କରିବାକୁ ବ୍ଲକ୍ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅନୁରୋଧ କରିଛନ୍ତି। ଏହାକୁ ପ୍ରଶାସନ ଗୁରୁତ୍ୱ ଦେଉନଥିବା ଅଭିଯୋଗ ଆଣିଛନ୍ତି ବୋରିଗୁମ୍ମା ଗ୍ରାମବାସୀ। ନୂତନ ମସଜିଦ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ସ୍ଥାନୀୟ ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଏ ବିଷୟକୁ କେନ୍ଦ୍ରକରି ବୋରିଗୁମ୍ମା ଗ୍ରାମବାସୀ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ମତ ପ୍ରଦାନ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସଭାପତି କମଳାକାନ୍ତ ବିଶ୍ୱାଳ, ବୋରିଗୁମ୍ମା ଜଗନ୍ନାଥ ମନ୍ଦିରର ପରିଚାଳନା କମିଟି ସଭାପତି କେ. ନାଗରାଜ ଦୋରା, ବୋରିଗୁମ୍ମା ବ୍ୟାବସାୟିକ ସଂଘ ସମ୍ପାଦକ ରାଜ ସିଂ ଏବଂ ପଦ୍ମନାଭ ମିଶ୍ର ଉପସ୍ଥିତ ଥିଲେ। ପୂର୍ବରୁ ଏ ବିଷୟକୁ ନେଇ ବୋରିଗୁମ୍ମା ଗ୍ରାମବାସୀ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବୋରିଗୁମ୍ମା ଜୋନ୍ ଦୁଇ ଜିଲ୍ଲା ପରିଷଦ ସଭ୍ୟ ମଞ୍ଜୁଳା ଘାଣୀ, ବୋରିଗୁମ୍ମା ସରପଞ୍ଚ ତୁଷାରକାନ୍ତ କୃମିକା, ସମିତିସଭ୍ୟା ପ୍ରିୟଙ୍କା ରଥ, ଚେୟାରମ୍ୟାନ ଦୀପ୍ତିମୟୀ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାନୀୟ ଲୋକ ପ୍ରତିନିଧି ମଧ୍ୟ ନୂତନ ମସଜିଦ ନିର୍ମାଣକୁ ସ୍ଥାନାନ୍ତର କରିବାକୁ ସମର୍ଥନ ଦେଇଥିଲେ। ଗ୍ରାମସଭାରେ ମଧ୍ୟ ଏ ବିଷୟ ଉଠିଥିଲା। ଯେଉଁ ସ୍ଥାନରେ ପୂର୍ବରୁ ମସଜିଦ ନ ଥିଲା ସେ ବାବଦକୁ ଜିଲ୍ଲା ପ୍ରଶାସନ ୫୦ ଲକ୍ଷ ଟଙ୍କା କିପରି ପ୍ରଦାନ କରିଥିଲେ ସେ ନେଇ ମଧ୍ୟ ଆଲୋଚନା ଜୋର୍ ଧରିଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ଦାବି ରହିଥିଲା ନୂତନ ମସଜିଦ ନିର୍ମାଣକୁ ସ୍ଥାନାନ୍ତର କରାଯାଉ। ଆଗାମୀ ୭ ଦିନ ପରେ ବୋରିଗୁମ୍ମାରେ ଆନ୍ଦୋଳନ ତୀବ୍ର ହେବ। ଯେହେତୁ ହିନ୍ଦୁ ବସ୍ତିରେ ମସଜିଦ ନିର୍ମାଣ ହେଉଛି ଆଗକୁ ଦଙ୍ଗା, ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ଜଗନ୍ନାଥ ମନ୍ଦିର କମିଟି ସଭାପତି ନାଗରାଜ ଦୋରା ପ୍ରତିକ୍ରିୟା ଦେଇଥିଲେ।

# ସଦର ବ୍ଲକ ସରପଞ୍ଚ ସଂଘର ପୁନର୍ଗଠନ ସହ ନୂତନ କର୍ମକର୍ତ୍ତା ଚୟନ



**ମାଲକାନଗିରି,୮।୨(ସମିସ):** ସଦର ବ୍ଲକର ୧୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ସଭ୍ୟସଭ୍ୟାଙ୍କ ଉପସ୍ଥିତରେ ମାଲକାନଗିରି ବ୍ଲକ ସମ୍ମିଳନୀ କକ୍ଷରେ ସରପଞ୍ଚ ସଂଘର ନୂତନ ସାଂଗଠନିକ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସରପଞ୍ଚ ଗଙ୍ଗା ମାଡ଼କାମୀଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ସଂଘର ପୁନର୍ଗଠନ ସହ ନୂତନ କର୍ମକର୍ତ୍ତା ଚୟନ ଉପରେ ୧୯ଜଣ ସରପଞ୍ଚଙ୍କ ମଧ୍ୟରେ ବିଶେଷ ଆଲୋଚନା ହୋଇଥିଲା। ଏଥିସହ ମାଲକାନଗିରି ବ୍ଲକର ୧୯ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିକାଶମୂଳକ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମାଲକାନଗିରି ବ୍ଲକ ୧୯ଟି ପଞ୍ଚାୟତର ସରପଞ୍ଚଙ୍କ ସଭାପତି ଭାବେ ଯୁବ ସରପଞ୍ଚ ସୁଦର୍ଶନ କୋପେଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭା ନେତ୍ରୀ ଭାବେ ବିମଳା ମାଡ଼କାମୀ ଓ ସାଧାରଣ ସମ୍ପାଦକ ଭାବେ ବାବୁଲା ପଡ଼ିଆମୀଙ୍କୁ ଚୟନ କରାଯାଇଛି। ମାଲକାନଗିରି ସଦର ବ୍ଲକ ସରପଞ୍ଚ ସଂଘର ନୂତନ ସଭାପତି ଶ୍ରୀ କୋପେଙ୍କୁ ୧୮ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜଣାଇବା ସହ ଉପ ସଭାନେତ୍ରୀ ଓ ସାଧାରଣ ସମ୍ପାଦକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁନାଧର ମାଡ଼କାମୀ, ଗଙ୍ଗା ମାଡ଼କାମୀ, ସୁନନ୍ଦା ଗାଡ଼ଲି, ନୀଳକଣ୍ଠ ଖୋଲା, ସୁମିତ୍ରା ମାଡ଼କାମୀ, ବନିତା କୁରାମି, ଅରକ୍ଷିତ ନାୟକ, ବିଜୟ କବାସୀ ପ୍ରମୁଖଙ୍କ ସହ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଭିଏସ୍ ବିଦ୍ୟାଳୟର ଛାତ୍ରୀଙ୍କ କୃତିତ୍ୱ

**ସୁନାବେଡ଼ା,୮।୨(ସମିସ)**



ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଭିଏସ୍ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ତଥା ଜୁନିଅର ଏନସିସି ୱିଙ୍ଗର, ସର୍ଜେଣ୍ଟ ସୌମ୍ୟା ପ୍ରିୟଦର୍ଶିନୀ ଚଳିତ ବର୍ଷ ନୂଆଦିଲ୍ଲୀଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଓଡ଼ିଶାର ଜୁନିୟର୍ ୱିଙ୍ଗ୍ ଏନସିସି ଦଳକୁ ରାଜଭବନଠାରେ ରାଜ୍ୟପାଳ ରଘୁବର ଦାସ ଅଭିନନ୍ଦନ ଜଣାଇବା ସହ ଉତ୍ସାହିତ କରିଛନ୍ତି। ଏତଦ୍ ବ୍ୟତୀତ ସର୍ଜେଣ୍ଟ ସୌମ୍ୟା ପ୍ରିୟଦର୍ଶିନୀଙ୍କ ଏହି କୃତିତ୍ୱ ପାଇଁ ଭୁବନେଶ୍ୱର ସ୍ଥିତ କବିତା ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ କବିତା ମେମୋରିଆଲ ଆୱାର୍ଡ ସହ ୫ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଭିଏସ୍ ବିଦ୍ୟାଳୟର ଛାତ୍ରୀ ତଥା ଏନସିସି ସର୍ଜେଣ୍ଟ ରାଜଶ୍ରୀ ବେହେରା ଦିଲ୍ଲୀ କ୍ୟାଣ୍ଟଠାରେ ଆୟୋଜିତ 'ଥାଲ୍ ସୈନିକ କ୍ୟାମ୍ପ'ରେ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଯୋଗୁଁ ରାଜ୍ୟପାଳଙ୍କ ଆୱାର୍ଡ ସହ ୧୦ ହଜାର ଟଙ୍କାର ପୁରସ୍କାରପ୍ରାପ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ 'ୱାନ ଓଡ଼ିଶା ଏୟାର୍ ସ୍କ୍ୱାଡ୍ରର୍ଣ୍ଣ'ଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର ଜେନେରାଲ, କମଡୋର୍ ଜେ.ସୁରେଶ ଯୋଗଦେଇ ସର୍ଜେଣ୍ଟ ସୌମ୍ୟା ପ୍ରିୟଦର୍ଶିନୀ ଏବଂ ସର୍ଜେଣ୍ଟ ରାଜଶ୍ରୀ ବେହେରାଙ୍କୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ସିଟିଓ, କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୌମ୍ୟା ପ୍ରିୟଦର୍ଶିନୀ ଏବଂ ରାଜଶ୍ରୀ ବେହେରାଙ୍କ ଏହି କୃତିତ୍ୱ ପାଇଁ ଭିଏସ୍ ବିଦ୍ୟାଳୟର ସମ୍ପାଦକ ତନବୀର ଆଲାମ, ଅଧ୍ୟକ୍ଷ ବିକେ ମିଶ୍ର, ଗାର୍ଲ୍ସ ୱିଙ୍ଗ ଏନସିସି ଅଧିକାରୀ ଆରତୀ ରାଣୀ ସାହୁଙ୍କ ସମେତ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ରା. ମାଝୀଗୁଡ଼ା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବୈପାରୀଗୁଡ଼ା,୮।୨ (ସମିସ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା କରାଇ ଉଦାହରଣ ସୃଷ୍ଟି କରିଛନ୍ତି ବୈପାରୀଗୁଡ଼ା ବ୍ଲକ୍ ସ୍ଥିତ ରା. ମାଝୀଗୁଡ଼ା ବିଦ୍ୟାଳୟର ଶିକ୍ଷକ। ବିଦ୍ୟାଳୟର ୭୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ରାଜେଶ୍ୱର ମହୁରିଆ, ମାଠପଡ଼ା ସମିତିସଭ୍ୟ ଲକ୍ଷ୍ମଣ ଚନ୍ଦ୍ରପଡ଼ିଆ, ପୂଜାରୀଗୁଡ଼ା ସରପଞ୍ଚ ସତ୍ୟ ମାଝି, ୱାର୍ଡ ମେମ୍ବର ସୁରେନ୍ଦ୍ର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନେ ବିଘ୍ନ ବିନାଶକଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଉତ୍ତମ କୁମାର ଗିରି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସମସ୍ତ ଅତିଥି ଦୁର୍ଗମ ଅଞ୍ଚଳରେ ଏକ ଛୋଟ ବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀଙ୍କ ସହଯୋଗରେ ସୁନ୍ଦର କାର୍ଯ୍ୟକ୍ରମ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ବିଦ୍ୟାଳୟର ଅନୁସଙ୍ଗିକ ଉନ୍ନତିରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାବୁଲା ଦାସ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହ ବିଦ୍ୟାଳୟ କମିଟି ସଦସ୍ୟ ସହଯୋଗ କରିଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ମକ୍‌ଡ୍ରିଲ୍

**ନବରଙ୍ଗପୁର,୮।୨(ସମିସ):** ଗୁରୁବାର ନବରଙ୍ଗପୁର ସଦର ବ୍ଲକ୍ ଅଗ୍ନିପୁର ପଞ୍ଚାୟତ ସ୍ଥିତ କୁସୁମଝର ଜଳଭଣ୍ଡାରରେ ଏନଡିଆର୍‌ଏଫ୍ ଟିମ୍ ସହଯୋଗରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ବନ୍ୟା ଭଳି ପରିସ୍ଥିତିରେ ନିଜକୁ ପାଣିରୁ ସୁରକ୍ଷିତ ବଞ୍ଚାଇବା ସହିତ ଅନ୍ୟମାନଙ୍କ ଧନ ଜୀବନ, ଗୃହପାଳିତ ପଶୁପକ୍ଷୀଙ୍କୁ କିପରି ଭାବରେ ସୁରକ୍ଷିତ ଉପାୟରେ ବଞ୍ଚାଇବେ ତାହାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ବିନାୟକ ଖାଡ଼ଙ୍ଗା, ନବରଙ୍ଗପୁର ଜିଲ୍ଲା ଜରୁରିକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ ଚିନ୍ମୟୀ ମଲ୍ଲିକ, ନବରଙ୍ଗପୁର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ଖୋରା, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡି.କେ ଲାକ୍ରା, ନବରଙ୍ଗପୁର ତହସିଲଦାର କୈଳାଶ ତ୍ରିପାଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଟିପିଏସଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସିଭେଷ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପିକେ ପଟ୍ଟନାୟକ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ସହିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମକର୍ତ୍ତା, ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଅଙ୍ଗନବାଡ଼ି ଓ ମିଶନ ଶକ୍ତି ମହିଳା ସଦସ୍ୟା ବୃନ୍ଦ, ସରପଞ୍ଚ, ଅଗ୍ନିପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ, ସହିତ ଅଧ୍ୟାପକ ଏନ୍‌ଏମ୍ ଖୋସ୍ଲା, ସ୍ଥାନୀୟ ସ୍ୱେଚ୍ଛାସେବୀ, ସ୍ଥାନୀୟ ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ।

ଏହାପୂର୍ବରୁ ବୁଧବାର ନବରଙ୍ଗପୁର ଜିଲ୍ଲା ସଦରମହକୁମା ସ୍ଥିତ ମିଶନ ଶକ୍ତି ସଭାଗୃହରେ କଟକ ଜିଲ୍ଲା ମୁଣ୍ଡଳୀ ସ୍ଥିତ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ (ଏନଡିଆର୍‌ଏଫ୍) ଏବଂ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ସାମୂହିକ ଅଭ୍ୟାସ ଟେବୁଲ ଟପ୍ ଆଲୋଚନାଚକ୍ର ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର, ବିକାଶ କୁମାର ଭଗତ, ସୁଶିଲ କୁମାର, ଭିଏସ୍ ଚଣ୍ଡିଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି କେମିତି ରହିବ ଓ ସର୍ବସାଧାରଣରେ ବିପର୍ଯ୍ୟୟକୁ କିପରି ପ୍ରତିହତ କରିହେବ, ବିପର୍ଯ୍ୟୟ ପୂର୍ବରୁ ଏବଂ ପରବର୍ତ୍ତୀ ସମୟରେ ବିପର୍ଯ୍ୟୟକୁ ହ୍ରାସ କରିବା ପଦ୍ଧତି, ପ୍ରାକ୍ ସୂଚନା ଯଥା ପ୍ରସାରଣ, ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ, ସମ୍ପୃକ୍ତ ଅଧିକାରୀମାନଙ୍କ ଭୂମିକା, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣର ବ୍ୟବହାର, ରିଲିଫ ବଣ୍ଟନ ଏବଂ ସଫଳ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।



